
# ଚରମ ଚୈତନ୍ୟ ମହାଯଜ୍ଞ

## ତୃତୀୟ ଚରଣ



ॐ

ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ ଚୈତନ୍ୟ ମହାଯଜ୍ଞ

## (ତୃତୀୟ ଚରଣ)

## ଓ

# ସାନ୍ଧ୍ୟ ସତ୍‌ସଙ୍ଗ ମହୋତ୍ସବ

୧୪୨୨ ସାଲ, କୁମ୍ଭ ଦି୨୮ନ, ସନ ୨୦୧୫ ମସିହା ମାର୍ଚ୍ଚ
୧୨ ତାରିଖରୁ ମୀନ ଦି୨ନ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ)

ସ୍ଥାନ : ଶୁକୁଳି, ମୟୂରଭଞ୍ଜ

# ସ୍ୱର୍ଣ୍ଣକ୍ଷେତ୍ର

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ, ମାହାଙ୍ଗା,
କଟକ ।

କାଳର ଅପେରନ୍ତା ଘୂର୍ଣ୍ଣାୟମାନ ଚକ୍ରରେ ଗତି କରି କରି ଆମେ ଆଜି 'ଚରମଚୈତନ୍ୟ' ମହାଯଜ୍ଞର ତୃତୀୟ ତଥା ଏକ ନିର୍ଣ୍ଣାୟକ ଚରଣରେ ଉପନୀତ ହୋଇଅଛେ । କିଏ ଜାଣେ; ଏହି ଅଭିନବ କ୍ରିୟାର ଅନ୍ତିମ ଚରଣ କେବେ ଆଉ କେଉଁଠାରେ ସଂରଚିତ ହେବ ? ଏ ସୃଷ୍ଟି ଯେପରି ଅବୋଧ୍ୟ, ଅବର୍ଣ୍ଣନୀୟ, ଅଚିନ୍ତ୍ୟ, ଅଗମ୍ୟ, ଅପରିଚିତ ଏବଂ ଅସୀମ, ଏହାର ସ୍ରଷ୍ଟା ମଧ୍ୟ ଠିକ୍ ସେହିପରି ଅବ୍ୟକ୍ତ, ଅଣାକାର ଓ ଅତୁଳନୀୟ ଅଟନ୍ତି । ତାଙ୍କର ସୃଷ୍ଟି ନିର୍ମାଣ, ପାଳନ ଓ ସଂହାରକ୍ରିୟା ମଧ୍ୟ ଏ ପର୍ଯ୍ୟନ୍ତ ଅଜଣା ଓ ଅଗମ୍ୟ ହୋଇ ରହିଯାଇଅଛି । କେବଳ ସେ ହିଁ ଯେତେବେଳେ ଚାହିଁବେ, ଉକ୍ତ ଅସୀମ ରହସ୍ୟର ଉନ୍ମୋଚନ କରି କରାଇ ପାରିବେ, ନଚେତ୍ କଦାପି ସମ୍ଭବ ନୁହେଁ । ମହାସାଗର ତଟର ଗୋଟିଏ କ୍ଷୁଦ୍ର ବାଲିକଣିକା ଯଦି ମହାସାଗରର ଗଭୀରତା ନିର୍ଣ୍ଣୟ କରିବାର ପ୍ରୟାସ କରି ଜଳରାଶି ମଧ୍ୟକୁ ଲମ୍ଫ ପ୍ରଦାନ କରେ, ତେବେ ତାହାର ଅବସ୍ଥା ଏବଂ ଅସ୍ତିତ୍ୱ କ'ଣ ହେବ ? ଏହାହିଁ ଏକ ସାଧାରଣ ଜୀବର ସ୍ରଷ୍ଟା ବା ପରମପୁରୁଷ ବା ଚରମଙ୍କୁ ଜାଣିବା ପ୍ରୟାସର ପରିଣାମ ହେବ, କହିଲେ ଅତ୍ୟୁକ୍ତି ହେବନାହିଁ । ସେହି ମର୍ମରେ ପ୍ରାତଃ ସ୍ମରଣୀୟ ମହାସନ୍ଥ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ରଚିତ ମହାକାବ୍ୟ **'ତତ୍ତ୍ୱବୋଧିନୀ'**ରେ ଉଲ୍ଲେଖ କହିଛନ୍ତି,

ସବୁ ଜଳଯାକ ସମୁଦ୍ରେ ଠୁଳ । ସମୁଦ୍ର ଯାଇ ଆକାଶରେ ମେଳ ।।
ଆକାଶେ ଥାଇ ବରଷା କରଇ । ସେ ସକଳ ପୁଣି ସମୁଦ୍ରେ ଯାଇ ।।
ଅରୂପରୁ ରୂପ ପ୍ରକାଶ ହେବ । ରୂପ ଯାଇ ଅରୂପରେ ମିଶିବ ।।
ରୂପ, ଅରୂପ ସମ କରିଥିବୁ । ସମତା ରୂପରେ ସବୁ ପାଇବୁ ।।

ପୁନଶ୍ଚ, **'ଶୂନ୍ୟ ସଂହିତା'**ରେ ଲେଖିଛନ୍ତି :-

ଅରୂପରୁ ନାମ ରୂପ ହୁଏ ସିନା ସ୍ୱରୂପେ ଅରୂପେ ମିଶେ ।
ଅରୂପରେ ଯେହୁ ସ୍ୱରୂପରେ ସେହୁ ବସ୍ତୁ ଭିନ୍ନ କର୍ମେ ବସେ ।।

ଯେଉଁ ପରମସତ୍ତା ବାହ୍ୟଜଗତରେ ରହି ସାଧକଙ୍କୁ ଚମତ୍କୃତ କରିଦିଅନ୍ତି, ଅନ୍ତର୍ଦୃଷ୍ଟିରେ ଦେଖିଲେ ସେ ହିଁ ସାଧକର ଆପଣା ମଧ୍ୟରେ ଦର୍ଶନ ଦିଅନ୍ତି । ସେତେବେଳେ ସାଧକ ଉଭୟ ଅବସ୍ଥା (ବାହ୍ୟ ଦର୍ଶନ ଓ ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ)ର ସ୍ମାରକ ପାଇଁ ବ୍ୟାକୁଳ ହୋଇ ଉଠେ । କାରଣ ଥରେ ଶରୀର ମଧ୍ୟରେ ଦର୍ଶନ ପ୍ରାପ୍ତ ହୋଇଗଲେ ବାହ୍ୟଦର୍ଶନର ଆବଶ୍ୟକତା ରହେ ନାହିଁ । ଅଥବା ବାହ୍ୟଦର୍ଶନର କୌଣସି ଗୁରୁତ୍ୱକୁ ସାଧକ ସ୍ମରଣ ରଖିପାରେ ନାହିଁ । ସେଥିପାଇଁ ସମାଧି ଅବସ୍ଥାରେ ପିଣ୍ଡବ୍ରହ୍ମାଣ୍ଡ

ମଧ୍ୟରେ ପରମାତ୍ମାଙ୍କୁ ଦର୍ଶନ କରିବା ସମୟରେ ତା'ର ପୂର୍ବାବସ୍ଥାର ସ୍ମୃତି ପାଇଁ ବରଭିକ୍ଷା କରି ନେଇଥାଏ । ଯେ ପର୍ଯ୍ୟନ୍ତ ସାଧକ ଏହି ଅବସ୍ଥାରେ ଉପନୀତ ହୋଇ ନପାରେ, ସେପର୍ଯ୍ୟନ୍ତ ତା'ର ମନ ଅସ୍ଥିର ଓ ଦ୍ୱନ୍ଦ୍ୱଯୁକ୍ତ ହୋଇ ଏକ ଅଭାବନୀୟ ପଥରେ ପଥଚ୍ୟୁତ ହୋଇ ଘୂରି ବୁଲୁଥାଏ । ସନ୍ଦେହ, ଅବିଶ୍ୱାସ, ଅନାସ୍ଥା ଓ ଭ୍ରମ ତାହାର ଚିର ସହଚର ହୋଇଯାଏ । ଅତି ନିକଟରେ, ଅତ୍ୟନ୍ତ ଏକାନ୍ତରେ କାୟାର ଛାୟା ପରି ତା'ର ପ୍ରିୟତମ ତା' ଭିତରେ, ବାହାରେ ଓ ଚତୁଃପାର୍ଶ୍ୱରେ ରହିଥିଲେ ମଧ୍ୟ ସେ ତାହାକୁ ଅନୁଭବ କରିପାରେ ନାହିଁ, ବରଂ ଯେଉଁପରି ମୃଗ ନାଭିରେ କସ୍ତୁରୀ ଥିବାର ମୃଗ ଜାଣି ନପାରି, କସ୍ତୁରୀର ସୁଗନ୍ଧ ଆସ୍ୱାଦନ ପାଇଁ ବ୍ୟଗ୍ର ମନରେ ଘୂରି ବୁଲୁଥାଏ, ଠିକ୍ ସେହିପରି ସେ ଅସ୍ଥିର ହୋଇ ଜନ୍ମଜନ୍ମାନ୍ତରବାଦରେ ବ୍ରହ୍ମାଣ୍ଡରେ ବିଚରଣ କରିଚାଲିଥାଏ । ଏହି ପ୍ରକ୍ରିୟା ସୃଷ୍ଟି ଆରମ୍ଭରୁ ପ୍ରଚଳିତ ହୋଇ ଆସୁଅଛି ଏବଂ ବର୍ତ୍ତମାନ ମଧ୍ୟ ସେପରି କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇପାରୁନାହିଁ । ଯେଉଁଥିପାଇଁ ଏକ ମୀମାଂସା ସୂତ୍ର ନେଇ ସ୍ୱୟଂ ସ୍ରଷ୍ଟା ଆଜି ଧରାପୃଷ୍ଠରେ ଖେଳି ଖେଳାଇ ଚାଲିଛନ୍ତି । ତଥାପି ଜୀବର ବଦ୍ଧତା ଓ ଯୋଗମାୟାଙ୍କ ଶକ୍ତ ମାୟାରଜ୍ଜୁର ବନ୍ଧନ ପ୍ରତିବନ୍ଧକ ସାଜି ଜୀବ-ପରମର ମିଳନ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରୁଅଛି ।

**'ଚରମ ଚୈତନ୍ୟ ମହାଯଜ୍ଞ'** - ଏକ ନାମକରଣର ପରିପ୍ରକାଶ । ମାତ୍ର, ଏହାର ଗଭୀର ତଥା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଅର୍ଥ ବ୍ୟାଖ୍ୟା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ପ୍ରକାଶିତ ହୋଇଥିବା ବିଗତ ଦୁଇଟି ଚରଣର ସ୍ମରଣିକାରେ **'ଚରମ' 'ଚୈତନ୍ୟ'** ସମ୍ପର୍କରେ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇସାରିଛି । କିନ୍ତୁ, ଯେହେତୁ ଆମେ ନିଜେ ବାସ୍ତବ ଅନୁଭବ ସୂତ୍ରର ଅନେକ ଦୂରରେ ରହିଯାଇଛେ, ସେଥିପାଇଁ ଦୁଇଟିଯାକ ସ୍ମରଣିକାର ବିଷୟବସ୍ତୁ ଆମ ମନ ଭିତରେ ଅନେକ ପ୍ରତିକୂଳାତ୍ମକ ଭାବ ସୃଷ୍ଟି କରି ଦେଇଛି । ଉଭୟର ମର୍ମ ପ୍ରାୟତଃ ସମ ପରିଭାଷା ପ୍ରକାଶ କରୁଥିଲେ ମଧ୍ୟ ଆମେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନାହିଁ । ତେଣୁ ଉଭୟକୁ ପରସ୍ପରର ବିରୋଧାଭାଷ ଭାବରେ ଗ୍ରହଣ କରୁଛୁ । ସେହି ସମସ୍ତ ଦ୍ୱିବିଧାତ୍ମକ ଭାବର ମିଳନରେ ଚିରନ୍ତନ ସତ୍ୟକୁ ପରିପ୍ରକାଶ କରିବାପାଇଁ ଏହି ସ୍ମରଣିକାରେ ପ୍ରୟାସ କରାଯାଉଅଛି । ଆଶା, ଭ୍ରମାତ୍ମକ ତମସା ଅପସରି ଯାଇ ଜ୍ଞାନାଲୋକ ନିଶ୍ଚୟ ବିଚ୍ଛୁରଣ ହେବ ।

ପ୍ରଥମେ ଆସିବା **'ଚରମ'** ଶବ୍ଦକୁ । **'ଚରମ'** କିଏ ? କେଉଁଠି ରହନ୍ତି ? କ'ଣ ତାଙ୍କର ସ୍ୱରୂପ ? କିପରି ତାଙ୍କର ପରିପ୍ରକାଶ ? ସନ ୧୯୯୨ ମସିହା

କୁମାରପୂର୍ଣ୍ଣିମା ତିଥିରେ ଏହି **'ଚରମ'** ଶବ୍ଦ ଏକ ପତ୍ରିକାର ରୂପ ନେଇ ଅବତରିତ ହୋଇଥିଲା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ପତ୍ରିକାର ଏକ ସ୍ତମ୍ଭ **'କଲ୍ୟାଣ ଦେଲି ତୋତେ'**ରେ ଗୁରୁସ୍ୱାମୀ **'ଚରମ'** ବୋଲି ସମ୍ବୋଧନ କରି କଲ୍ୟାଣ ବର୍ଷା କରିବାରେ ଲାଗିଲେ । ଆମେ ମଧ୍ୟ ଗୁରୁସ୍ୱାମୀଙ୍କୁ **'ଚରମନାଥ'** ଭାବରେ ଆମର ହୃଦୟ ସିଂହାସନରେ ଉପବେଶନ କରାଇଲୁ ଏବଂ ତଦନୁସାରେ ଚରମନାଥ ଭାବରେ ସମ୍ବୋଧନ କରିବାକୁ ଲାଗିଲୁ । ତେବେ କିଏ ଏହି **'ଚରମ'** ? ଗୁରୁସ୍ୱାମୀ, ପତ୍ରିକା, ଜୀବଜଗତ ନା ଆଉ କିଏ ? ଗୋଟିଏ ଶବ୍ଦ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବ ନେଇ କିଭଳି ପ୍ରତିଫଳିତ କରିପାରୁଛି ? ଉକ୍ତ ପ୍ରସଙ୍ଗରେ ଗୋଟିଏ ଛୋଟ ଉଦାହରଣ – ଏ ସୃଷ୍ଟିରେ ଜଳ ସର୍ବତ୍ର ବିଦ୍ୟମାନ । ଯେତେବେଳେ ଜଳ, ସାଗର ଓ ମହାସାଗରରେ ସ୍ଥାନ ଅଧିକାର କରିଛି, ସେତେବେଳେ ତାହାର ନାମ ସାଗର ଜଳ । ନଦୀ ମଧ୍ୟରେ ପ୍ରବାହିତ ହେଲେ ନଦୀଜଳ, ହ୍ରଦମଧ୍ୟରେ ରହିଲେ – ହ୍ରଦଜଳ, ପୁଷ୍କରିଣୀରେ ଥିଲେ ପୁଷ୍କରିଣୀ ଜଳ, କୂପ ମଧ୍ୟରେ ସ୍ଥିତ ହେଲେ କୂପଜଳ, ମେଘରୂପ ନେଇ ବର୍ଷା ହେଲେ ବର୍ଷାଜଳ, କଳସୀ ମଧ୍ୟରେ ରଖିଲେ କଳସୀ ଜଳ । ଏହି କ୍ରମରେ ଯେଉଁଠି ଥିଲେ ମଧ୍ୟ ନାମକରଣ ଅନୁଯାୟୀ ଭିନ୍ନତା ରହେ । ମାତ୍ର ସେହି ବସ୍ତୁ ଏକ 'ଜଳ' ରୂପରେ ହିଁ ବିଦ୍ୟମାନ ହୋଇଥାଏ । ଠିକ୍ ସେହିପରି **'ଚରମ'** ଏପରି ଏକ ସ୍ଥାନ, ବସ୍ତୁ ବା ସ୍ଥିତି ଯାହା ସଂପୂର୍ଣ୍ଣରୂପେ ଅକଳନୀୟ, ଅବର୍ଣ୍ଣନୀୟ, ଅବିଶ୍ୱସନୀୟ, ଅଚିନ୍ତ୍ୟ, ଅଗମ୍ୟ ଓ ଅରୂପ । ଯାହାର ଆଦି ନାହିଁ, ଅନ୍ତ ନାହିଁ କି ସ୍ଥିତି ମଧ୍ୟ ନାହିଁ । ସେଠାରେ କେହି ପହଞ୍ଚିପାରେ ନାହିଁ । ଅନୁଭବ ମଧ୍ୟ କରିପାରେ ନାହିଁ । ସେହି ସ୍ଥାନକୁ ହିଁ ଅବ୍ୟକ୍ତ ମଣ୍ଡଳ ନାମରେ ଜ୍ଞାନୀ, ଭକ୍ତ, ଯୋଗୀ, ମୁନି ଋଷିମାନେ ନାମିତ କରିଛନ୍ତି ।

ଅନେକ କାଳ ଧରି ଏହି ଅବ୍ୟକ୍ତ ବା ଚରମ (ଶେଷ) ମଣ୍ଡଳ, ଯାହା ଉପରେ ଆଉ କିଛି ହିଁ ନାହିଁ, ଅମୀମାଂସିତ ଉପାଖ୍ୟାନରେ କେବଳ ଶବ୍ଦର ରୂପ ନେଇ ରହିଆସିଛି । ତାହାର ଏକ ସଂକ୍ଷିପ୍ତ ବିବରଣ ଏଥିସହ ସଂଲଗ୍ନ ହୋଇଥିବା ଚିତ୍ରମାନଙ୍କରେ ଚିତ୍ରିତ କରାଯାଇ ତାହାର ବିଷୟବସ୍ତୁକୁ ନିମ୍ନରେ ଆଲୋଚନା କରାଯାଉଛି ।

**'ଚରମ' ହେଉଛି ଅବ୍ୟକ୍ତ** । ସେଠାରେ ପ୍ରକୃତି ନାହାନ୍ତି, ପୁରୁଷ ମଧ୍ୟ ନାହାନ୍ତି । କୌଣସି ରୂପ, ରସ, ଗନ୍ଧ, ଗୁଣ, ପ୍ରବୃତ୍ତି କିଛି ହିଁ ନାହିଁ । ସୃଷ୍ଟି ପରିକଳ୍ପନାରେ ସେହି ଅବ୍ୟକ୍ତରୁ ଦୁଇ ବିନ୍ଦୁ ସାକାର ରୂପ ନେଇ ତଳକୁ ଖସିଆସନ୍ତି । ଗୋଟିଏ ବିନ୍ଦୁ **'ପ୍ରକୃତି'** ନାମରେ ଅନ୍ୟଟି **'ପୁରୁଷ'** ନାମରେ ପରିଚୟ ବହନ କରି ଦୁଇଟି ଭିନ୍ନ ମଣ୍ଡଳରେ ଜ୍ୟୋତିରୂପରେ ଅବସ୍ଥାନ କରନ୍ତି । ଅନେକ କଳ୍ପ ବିତିଯିବାପରେ ପୁନଶ୍ଚ

ସେହି ଦୁଇଟି ଜ୍ୟୋତିର୍ବିନ୍ଦୁ ଏକତ୍ର ହୋଇ ଅନ୍ୟ ଏକ ମଣ୍ଡଳରେ ଠୁଳ ହୋଇ ରହନ୍ତି । ଏହି ମଣ୍ଡଳର ନାମ–**'ପୂର୍ଣ୍ଣବ୍ରହ୍ମ ମଣ୍ଡଳ, ନିତ୍ୟକୃଷ୍ଣ ମଣ୍ଡଳ, ଗୋଲୋକଧାମ'** । ଉକ୍ତ ମଣ୍ଡଳରେ ପ୍ରକୃତିଙ୍କ ନାମ **'ରାଧା'** ଓ ପୁରୁଷଙ୍କ ନାମ **'କୃଷ୍ଣ'** । ମତାନ୍ତରରେ ଏହାହିଁ ଲକ୍ଷ୍ମୀ, ନାରାୟଣ ମହାବିଷ୍ଣୁ, ମହାଲକ୍ଷ୍ମୀଙ୍କ ନିବାସସ୍ଥଳୀ । ପ୍ରତ୍ୟହ, ପ୍ରତିମୁହୂର୍ତ୍ତରେ ଏଠାରେ ରାହାସ ଲାଗିରହିଛି । ଦେବ, ଯକ୍ଷ, କିନ୍ନର, ନାଗ ଇତ୍ୟାଦି ସମସ୍ତ ବ୍ରହ୍ମାଣ୍ଡର ସମସ୍ତ ସାଧନସୂତ୍ର ଏହିଠାରୁ ଆରମ୍ଭ ହୋଇ ଏହିଠାରେ ହିଁ ସମାପ୍ତ ହୋଇଥାଏ । କିନ୍ତୁ, ଏହି ମଣ୍ଡଳର ଉର୍ଦ୍ଧ୍ୱରେ ଥିବା ସର୍ବଶେଷ ସ୍ଥାନ ହେଉଛି **'ଚରମ'** । ଯାହାଙ୍କ ବିଷୟରେ କେବଳ ପ୍ରକୃତି ଓ ପୁରୁଷ ରୂପେ ଅବସ୍ଥାନ କରିଥିବା ଲକ୍ଷ୍ମୀନାରାୟଣ/ ରାଧାକୃଷ୍ଣଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜଣା ନଥାଏ । ତେଣୁ ସେଥିପାଇଁ କାହାରି ମନରେ ଆଗ୍ରହ, ଉତ୍କଣ୍ଠା କିମ୍ବା ବ୍ୟାକୁଳତା ସୃଷ୍ଟି ହୋଇ ନଥାଏ । ଉକ୍ତ କାରଣ ବଶତଃ ସେହି **ଚରମ**ରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଉତ୍ପତ୍ତି ହୋଇଥିଲେ ମଧ୍ୟ ମହାଭାଗଙ୍କର ମହାମାୟା କାରଣରୁ ସେ ସର୍ବଦା ଅଗମ୍ୟ ତଥା ଅବୋଧ ହୋଇ ରହି ଯାଇଛନ୍ତି ।

ପରବର୍ତ୍ତୀ ସମୟରେ ବ୍ରହ୍ମାଣ୍ଡ ନିର୍ମାଣ କରି ଲୀଳାଂଶ ଅବତରଣ କରାଇବାର ଲକ୍ଷ୍ୟ ନେଇ ଉପରାଲୋଚିତ ପରମବ୍ରହ୍ମ ମଣ୍ଡଳରୁ ତିନୋଟି ପୁରୁଷ ଅଂଶ ଓ ତିନୋଟି ପ୍ରକୃତି ଅଂଶ ସୃଷ୍ଟି ହୁଅନ୍ତି, ଯଥା :– ବ୍ରହ୍ମାସାବିତ୍ରୀ, ବିଷ୍ଣୁଲକ୍ଷ୍ମୀ, ଶିବପାର୍ବତୀ । ଯେଉଁ ମଣ୍ଡଳରେ ବ୍ରହ୍ମା ସାବିତ୍ରୀ ରହିଲେ ତାହାର ନାମ ବ୍ରହ୍ମମଣ୍ଡଳ, ବିଷ୍ଣୁଲକ୍ଷ୍ମୀଙ୍କ ସ୍ଥାନ ବିଷ୍ଣୁମଣ୍ଡଳ ବା ବୈକୁଣ୍ଠ, ଶିବପାର୍ବତୀଙ୍କ ସ୍ଥଳ ଶିବମଣ୍ଡଳ ବା ରୁଦ୍ରମଣ୍ଡଳ ବା କୈଳାସ । ବ୍ରହ୍ମମଣ୍ଡଳରୁ ବ୍ରହ୍ମାଣ୍ଡର ଉତ୍ପତ୍ତି ପ୍ରକ୍ରିୟା, ବୈକୁଣ୍ଠରୁ ପାଳନ ପ୍ରକ୍ରିୟା ଓ ଶିବମଣ୍ଡଳରୁ ସଂହାର ପ୍ରକ୍ରିୟା ସମାହିତ ହେବାର ନିର୍ଣ୍ଣିତ ହେଲା । ଉକ୍ତ ପ୍ରକରଣରରେ ସୃଷ୍ଟି ହେଲା ବ୍ରହ୍ମାଣ୍ଡ ତଥା ଅଗଣିତ **'ଲୋକ'**ସମୂହ । ସୃଷ୍ଟି ସଂରଚନ, ପାଳନ ଓ ସଂହାର ନିମିତ୍ତ ଅଶେଷ ଦେବତା, ଦେବୀ, ରାକ୍ଷସ, ଜନ, ଲୋକ, ମନୁଷ୍ୟ ତଥା ଅସଂଖ୍ୟ ଜୀବଜଗତ ସୃଷ୍ଟି ହେଲେ । ପୁରୁଷଙ୍କ ଅଂଶରେ ଦେବତା, ନର, ରାକ୍ଷସ ଏବଂ ପୁରୁଷ ଅଙ୍ଗ ସୃଷ୍ଟି ହେଲା ଏବଂ ପ୍ରକୃତିଙ୍କ ଅଂଶରୁ ମାୟା, ମହାମାୟା, ଯୋଗମାୟା, ବିଷ୍ଣୁମାୟା, ବୈଷ୍ଣବୀମାୟା ସମସ୍ତ ନାରୀଅଙ୍ଗ, ମେଦ, ମାଂସ, ରକ୍ତ, ଶୌର୍ଯ୍ୟ, ଭଲ-ମନ୍ଦ-ସୁନ୍ଦର-ଅସୁନ୍ଦର, ରୂପ, କୁରୂପ, ସ୍ଥଳ, ଅସ୍ଥି, ବୃକ୍ଷଲତା, ବାୟୁ, ଅଗ୍ନି, ତେଜ ଇତ୍ୟାଦି ସମସ୍ତ ଆବଶ୍ୟକୀୟ ଉପାଦାନ ସୃଷ୍ଟିହୋଇ ସମୟାନୁକ୍ରମେ ଏକ ସୃଷ୍ଟିର ଅବତରଣ ହେଲା, ଯାହାର ଏକ କିୟଦଂଶ ଅଂଶ ମଧ୍ୟରେ ଆମ୍ଭମାନଙ୍କର ସ୍ଥିତି ବିଦ୍ୟମାନ । ଏଠାରେ ଜନ୍ମ ନେଇଥିବା ଜୀବ ଏହି ମୃତ୍ୟୁ ଲୋକର ନୀତି, ନିୟମ, ଆଇନ, କାନୁନ୍‌ର ପରିସର ମଧ୍ୟରେ ଗତି କରିବାପାଇଁ ବାଧ୍ୟ । ଯୋଗମାୟା ପ୍ରତ୍ୟେକଙ୍କୁ

ତାଙ୍କର ମାୟାରଜ୍ଜୁରେ ଏତେ କଠିନ ବନ୍ଧନରେ ବାନ୍ଧି ରଖିଛନ୍ତି, ଯାହାର ପ୍ରଭାବରେ ଜୀବ କେବେମଧ୍ୟ ସେହି ବନ୍ଧନରୁ ମୁକ୍ତ ହେବାପାଇଁ ଚାହେଁ ନାହିଁ । ଯେ ଭଲ ଭାବରେ ହୃଦୟଙ୍ଗମ କରିଛି ଯେ ଜନ୍ମପରେ ମୃତ୍ୟୁ ଦିନେ ନା ଦିନେ ଅନିବାର୍ଯ୍ୟ । ସୃଷ୍ଟିର ମୃତ୍ୟୁଲୋକର ଏହାହିଁ ଏକ ଅପରିବର୍ତ୍ତନୀୟ ନିୟମ । ତଥାପି ସେହି ମାୟାକୁ ଅତି ନିଜର ଏବଂ ଏକାନ୍ତ ଭାବି ସେହିଥିରେ ହିଁ ଲୀନ ହୋଇଯିବାକୁ ସେ ଆନନ୍ଦ ମନେକରି ସେହିଥିରେ ନିମଜ୍ଜିତ ରହିଥାଏ । ଏମାନଙ୍କୁ ମାୟାବନ୍ଧନରୁ ମୁକ୍ତକରି ନିତ୍ୟ ଆନନ୍ଦର ସ୍ୱାଦ ଚଖାଇ ନିଜର ପରିଚୟ ପ୍ରଦାନ କରିବାର ଲକ୍ଷ୍ୟରେ ପରମପିତା, ପରମବ୍ରହ୍ମ ମଣ୍ଡଳରୁ ବିଭିନ୍ନ ସମୟରେ ଅବତାର, ଅବତାରୀ, ଗୁରୁଅଙ୍ଗ, ଯଥା- ଗୁରୁ, ଉପଗୁରୁ, ଖଣ୍ଡଗୁରୁ, ସଦ୍‌ଗୁରୁ, ଧର୍ମଯାଜକ, ପରିବ୍ରାଜକ, ସାଧୁ, ସନ୍ଥ, ଯୋଗୀ, ମୁନି, ଋଷି ଇତ୍ୟାଦିଙ୍କୁ ପୃଥିବୀ ପୃଷ୍ଠରେ ଅବତରିତ କରାଇଥାଆନ୍ତି । ସେମାନେ ବିଭିନ୍ନ ନାମ ଗ୍ରହଣ କରି ଭିନ୍ନ ଭିନ୍ନ ଜ୍ଞାନର ଅଧିକାରୀ ହୋଇଥାଆନ୍ତି । ଇଷ୍ଟଦେବ/ଗୁରୁଦେବଙ୍କ ନିର୍ଦ୍ଦେଶରେ ଯେଉଁ ପଥରେ ଗତିକରି ସେମାନେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥା'ନ୍ତି, ଜନସମାଜକୁ ସେହି ସେହି ନିଜସ୍ୱ ପଥପ୍ରଦର୍ଶନ କରାଇ ବ୍ରହ୍ମାଭିମୁଖୀ ତଥା ଅନ୍ତର୍ମୁଖୀ ହେବାପାଇଁ କୌଶଳ ପ୍ରଦାନ କରନ୍ତି ଏବଂ ଜ୍ଞାନ ବିକିରଣ କରନ୍ତି । ଯେଉଁ ଗୁରୁଅଙ୍ଗ ଇତ୍ୟାଦିଙ୍କ ସଂପର୍କରେ ଆଲୋଚନା କରାଗଲା, ସେମାନେ ଉପର ବର୍ଣ୍ଣିତ ପରମବ୍ରହ୍ମ ମଣ୍ଡଳ, ରୁଦ୍ରମଣ୍ଡଳ, ବିଷ୍ଣୁମଣ୍ଡଳ ଓ ବ୍ରହ୍ମମଣ୍ଡଳରୁ ହିଁ ଜ୍ଞାନପ୍ରାପ୍ତ ହୋଇଥାନ୍ତି ଏବଂ ଶେଷରେ ସେହିଠାରେ ହିଁ ଲୀନ ହୋଇଯାଆନ୍ତି । ସର୍ବଶେଷ ପରିଣାମ ଏକ ହୋଇଥିଲେ ମଧ୍ୟ ପଥ ଭିନ୍ନଭିନ୍ନ ହୋଇଥିବାରୁ ସମାଜରେ ପରସ୍ପର ବିରୋଧାଭାଷ, ବିଦ୍ୱେଷ, ହିଂସା, ଦ୍ୱେଷ, ଗର୍ବ, ଅହଂକାର ଇତ୍ୟାଦି ମାୟାକକ୍ଷ ବିସ୍ତାର ଲାଭ କରିଯାଏ । ଫଳରେ ପୂର୍ଣ୍ଣେଶ୍ୱର(ପୂର୍ଣ୍ଣଗୁରୁ)ଙ୍କର ଇଚ୍ଛା ଅପୂର୍ଣ୍ଣ ରହିଯାଏ । ସମଦର୍ଶୀଭାବ, ନିର୍ବିକାର ଅବସ୍ଥା, ଦୟା, କ୍ଷମା, ଆଦର, ସ୍ନେହ, ଶ୍ରଦ୍ଧା ଆଦି ସଦ୍‌ଗୁଣର ବାସ୍ତବ ପରିପ୍ରକାଶ ହୋଇପାରେ ନାହିଁ ।

ଦେବତା ହୁଅନ୍ତୁ ବା ଯୋଗୀ, ମୁନି, ଋଷି, ସାଧୁ, ସନ୍ଥ, ସାଧକ, ଭକ୍ତ ଯିଏ ବି ହୁଅନ୍ତୁ ସମସ୍ତଙ୍କର ସର୍ବଶେଷ ଗତି ପରମବ୍ରହ୍ମ ମଣ୍ଡଳ ବା ଗୋଲକଧାମ ପର୍ଯ୍ୟନ୍ତ ହିଁ ହୋଇଥାଏ । ଉପରୋକ୍ତ ଆଲୋଚନାରୁ ଜଣାପଡ଼େ – 'ଚରମ' ବା ପୂର୍ଣ୍ଣେଶ୍ୱର, ସର୍ବେଶ୍ୱର, ଅବ୍ୟକ୍ତ କୌଣସି ଅବସ୍ଥାରେ ଯେ କୌଣସି ମଣ୍ଡଳରେ ସମ୍ପୂର୍ଣ୍ଣ ସାକାର ବ୍ରହ୍ମାଣ୍ଡରେ ଅନାଲୋଚିତ ତଥା ଅଜ୍ଞ ହୋଇ ରହି ଯାଆନ୍ତି ।

ଏହାହିଁ **'ଚରମ'** ଶବ୍ଦର ଏକ ସଂକ୍ଷିପ୍ତ ପରିଚୟ । ଜଳ ମଧ୍ୟରେ କଳସୀ ଏବଂ କଳସୀ ମଧ୍ୟରେ ଜଳ ନ୍ୟାୟରେ **'ଚରମ'** ସର୍ବଲୋକ, ସର୍ବଦା, ସର୍ବଥା ବିଦ୍ୟମାନ

ଥିଲେ ମଧ୍ୟ ମାନସରେ ଅଜ୍ଞାତ, ଅବୋଧ, ଅଚିନ୍ତ୍ୟ, ଅବର୍ଣ୍ଣନୀୟ । ଗୋଲୋକଧାମ, ବୈକୁଣ୍ଠଧାମ, କୈଳାସଧାମ, ବ୍ରହ୍ମଲୋକ, ସତ୍ୟମ୍‌ଲୋକ, ତପଃଲୋକ, ଜନଃଲୋକ, ମହଃଲୋକ, ସ୍ୱଃ ଲୋକ, ଭୁବଃ ଲୋକ, ଭୂଲୋକ ବା ମୃତ୍ୟୁଲୋକ ସବୁଠାରେ ସମସ୍ତ ଅବସ୍ଥାରେ ସମସ୍ତ ଗୁଣ, ରୂପ, ରସ, ଗନ୍ଧ ନେଇ ସେଇ **'ଚରମ'** ହିଁ ବିଦ୍ୟମାନ । ତେଣୁ ଚରମର ସତ୍ତା ଗୋଲୋକଧାମ, ବିଷ୍ଣୁ, ରୁଦ୍ର, ବ୍ରହ୍ମମଣ୍ଡଳରୁ ପରିବ୍ୟାପ୍ତ ହୋଇ ସର୍ବଲୋକ, ସକଳବ୍ରହ୍ମାଣ୍ଡ, ସ୍ଥାବର, ଜଙ୍ଗମ, କୀଟପତଙ୍ଗ ସମସ୍ତଙ୍କ ମଧ୍ୟରେ ବିଚ୍ଛୁରିତ ହୋଇ ରହିଛି ଏବଂ ଏ ସମସ୍ତ ଲୋକ ଅସ୍ତିତ୍ୱ ଚରମ ସତ୍ତା ମଧ୍ୟରେ ସମାହିତ ହୋଇଯାଇଛି । ସୁତରାଂ ଚରମ ହିଁ ଆରମ୍ଭ ଓ ଚରମ ହିଁ ଶେଷ । ସେଥିପାଇଁ ପତ୍ରିକାର ନାମ **'ଚରମ'** । ଚରମର 'କଲ୍ୟାଣ ହେଲି ତୋତେ' ସ୍ୱରର ସମ୍ବୋଧିତ ବ୍ୟକ୍ତିତ୍ୱ, ସ୍ଥିତି ମଧ୍ୟ **'ଚରମ'** ।

ଏଥର ଆସିବା 'ଚୈତନ୍ୟ' ଶବ୍ଦର ଅନ୍ତର୍ନିହିତ ସତ୍ୟତାର ପରିଭାଷାକୁ । **'ଚୈତନ୍ୟ'**ର ଅର୍ଥ କ'ଣ ? ଚିତ୍+ଚେତନା=ଚୈତନ୍ୟ । ଚିତ୍ ହେଉଛି ବାୟୁସ୍ୱରୂପ ମନ ଅବସ୍ଥାର ପ୍ରକରଣ । ମନ ସର୍ବଦା ଚଞ୍ଚଳ, ଗତିଶୀଳ, ପରିବର୍ତ୍ତନୀୟ, ନିୟନ୍ତ୍ରଣହୀନ ହୋଇ ମାୟାରଜ୍ଜୁର ଶକ୍ତ ଶିକୁଳିରେ ବନ୍ଦୀହୋଇ ରହିଅଛି । ତେଣୁ ବାସ୍ତବତାକୁ ସ୍ୱୀକାର କରିବାପାଇଁ କେବେ ବି ମନେ କରିନାହିଁ । ଯଦି କେହି ସତ୍‌ପୁରୁଷ ତାକୁ ସତ୍ୟ ସହିତ ପରିଚିତ କରାଇବାକୁ ଯତ୍ନବାନ ହୁଅନ୍ତି, ସେ ତାକୁ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କୁ ଏବଂ ତାଙ୍କ ବଚନକୁ ହେୟଜ୍ଞାନ ମନେକରି, ଅବାସ୍ତବ ଯୁକ୍ତିରେ ନିଜର ଅହଂ, ବଡିମା ପ୍ରକାଶ କରେ ଏବଂ ନିଜର ନିଷ୍ପତ୍ତି ହିଁ ସର୍ବଦା ଠିକ୍ ବୋଲି ନିଶ୍ଚୟ କରିନିଏ । ସେହି ବାୟୁସ୍ୱରୂପ ମନର ତାଳେତାଳେ ବିବେକ ବା ଚେତନା ତା' ସହିତ ଯୁକ୍ତ ହୋଇ ତାକୁ ସତର୍କ କରାଇଲେ ମଧ୍ୟ ସେ ତା' ସହିତ ଯୁକ୍ତ ହୋଇପାରେ ନାହିଁ । ତେଣୁ ସର୍ବଦା ଚେତନାହୀନ ହୋଇ କେବଳ ଚିତ୍ ସହିତ ରହିବାରେ ଆନନ୍ଦ ଉପଲବ୍ଧି କରେ ।

ଚିତ୍ ହେଉଛି ପ୍ରକୃତିଙ୍କ ଅଂଶ ଏବଂ ଚେତନା ହେଉଛି ପୁରୁଷଙ୍କ ଅଂଶ । ଯେପରି ପ୍ରକୃତିଙ୍କ ସହ ପୁରୁଷଙ୍କ ମିଳନ ନହେବା ଯାଏ କୌଣସି ସୃଷ୍ଟି ସମ୍ଭବ ହୋଇପାରେ ନାହିଁ, ସେହିପରି ଚିତ୍ ଯଦି ଚେତନା ସହିତ ସଂଯୋଗ ନ ହୁଏ, ତେବେ ''ଚୈତନ୍ୟ''ର ସ୍ଥିତି ମଧ୍ୟ ଉଦ୍ରେକ ହୋଇପାରିବ ନାହିଁ । ସାଧକମାନେ ଅକ୍ଳାନ୍ତ ଚେଷ୍ଟା, ଅସରନ୍ତି ଦୁଃଖ, କଷ୍ଟ, ବେଦନା, ଯନ୍ତ୍ରଣା ଅନୁଭବ କରି ଓ ସହ୍ୟକରି ନିଜର ମନ ବା ଚିତ୍‌କୁ ସଂଯମିତ କରାଇ ଚେତନାଯୁକ୍ତ କରାଇଥାନ୍ତି । ସେହି ସମୟରେ ସେ **'ଚୈତନ୍ୟ'** ପ୍ରାପ୍ତ ହୋଇ ଆତ୍ମାର ଦର୍ଶନ ପାଆନ୍ତି ଏବଂ ଆତ୍ମଜ୍ଞାନର ଅଧିକାରୀ

ହୁଅନ୍ତି । ଏହି କ୍ରିୟାର ଅନ୍ତିମ ପରିଣତି ଏକ ହିଁ ହୋଇଥାଏ–ବ୍ରହ୍ମାନୁଭୂତି, ବ୍ରହ୍ମଦର୍ଶନ ବା ଆତ୍ମାନୁଭୂତି, ଆତ୍ମଦର୍ଶନ । କିନ୍ତୁ, ଏକ ବିଲକ୍ଷଣ ମଧ୍ୟ ପ୍ରକାଶ ପାଇଥାଏ । କାରଣ ସାଧକର ସାଧନ ଅବସ୍ଥାରେ ଯେଉଁ ପଥଦେଇ ସେ ଗତିକରିଥାଏ, ସେହି ପଥଟିକୁ ସେ କେବଳ ଏକମାତ୍ର ପଥ ବୋଲି ବିଚାରକୁ ନେଇଯାଏ ଏବଂ ଅନ୍ୟ ପଥ, ଅନ୍ୟମତକୁ ହେୟଜ୍ଞାନ, ଅବମାନନା ତଥା ଅସ୍ୱୀକାର କରିଯାଏ । ଏହା ସଂଗଠିତ ହୋଇଥାଏ କେବଳ ତା'ର ଜ୍ଞାନ ଅହଂକାର ସହିତ ଯୁକ୍ତ ହୋଇଯାଇଥିବାରୁ । ଏଥିରେ ତାକୁ ମଧ୍ୟ ଦୋଷାରୋପ କରାଯାଇପାରିବ ନାହିଁ । କାରଣ 'ମାୟା'ର ରଜ୍ଜୁ ଅତି ଶକ୍ତ ଓ କଠିନ । ସେହି ମାୟାର ଆଶୀର୍ବାଦ ପ୍ରାପ୍ତ ନହୋଇ ଜ୍ଞାନପ୍ରାପ୍ତ ହୋଇଥିବାରୁ ଅସୀମ ସତ୍ତାକୁ ସେ ସସୀମ ଭାବରେ ଗ୍ରହଣ କରିନିଏ ଏବଂ ଅନ୍ୟକୁ ସେହି ପଥରେ ଗତିକରିବାକୁ ଏକରକମ ବାଧ୍ୟ କରାଏ ।

ପୂର୍ବ ସ୍ମରଣିକାରେ **'ଚୈତନ୍ୟ'**ର ବିଭାଗୀକରଣ ସମ୍ପର୍କରେ ଆଲୋଚନା କରାଯାଇଅଛି, ଯଥା – ବ୍ରହ୍ମଚୈତନ୍ୟ, ବିଷ୍ଣୁଚୈତନ୍ୟ ଏବଂ ଶିବ ବା ମହେଶ୍ୱର ବା ରୁଦ୍ର ଚୈତନ୍ୟ । ତେଣୁ ସେ ବିଷୟରେ ଏଠାରେ ଅଧିକ ବର୍ଣ୍ଣନା କରିବା ଅନାବଶ୍ୟକ । କେବଳ ଏତିକି କୁହାଯାଇପାରିବ ଯେ, ଉପରୋକ୍ତ 'ତ୍ରିଚୈତନ୍ୟ'ର ଭାବରୂପ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ହୋଇଥାଏ । ଯେଉଁ ସାଧକ, ମୁନି, ଋଷି, ଯୋଗୀ ବା ଅବତାରମାନେ ଯେଉଁ 'ଚୈତନ୍ୟ' ଅନ୍ତର୍ଗତ ହୋଇଥା'ନ୍ତି, ସେମାନଙ୍କ ମଧ୍ୟରେ ସେହିଭାବର ଚେତନା ଖେଳୁଥାଏ । ତେଣୁ ସେମାନେ ସେମାନଙ୍କର ସେହି ବ୍ୟକ୍ତିଗତ ଚେତନାଯୁକ୍ତ ଚୈତନ୍ୟକୁ ସର୍ବଶେଷ ଏବଂ ବିକଳ୍ପହୀନ ବୋଲି ବିବେଚନା କରିଥାଆନ୍ତି । ସେଥିପାଇଁ ବ୍ରହ୍ମବାଦର ଅସଲ ସ୍ୱରୂପ ସ୍ୱବିଚାର ବ୍ୟକ୍ତିଗତ ଅହଂଯୁକ୍ତ ଚେତନାର ଡାକୁଣୀରେ ଅଦୃଶ୍ୟ ହୋଇଯାଏ । ତାହାରି ପ୍ରତିଫଳନ ହେଉଛି 'ନାନାମୁନି, ନାନାମତ', 'ବହୁମନ, ବହୁମତ' । ଅନେକ ଦେବାଦେବୀ ଓ ତଦ୍‌ଅନ୍ତର୍ଗତ ଦ୍ୱନ୍ଦ୍ୱାତ୍ମକ ଭକ୍ତି, ଜ୍ଞାନ, ତତ୍ତ୍ୱମାର୍ଗ, ଆଦି ସମଗ୍ର ବ୍ରହ୍ମାଣ୍ଡ ସେହି ଏକାତ୍ମକ ଚୈତନ୍ୟର ଅଭାବରେ ଅଗଣିତ ଭାଗରେ ବିଭକ୍ତ ହୋଇଯାଉଛି । ଫଳରେ କେହି କାହାରିକୁ ଗ୍ରହଣ କରିବାପାଇଁ ପ୍ରସ୍ତୁତ ନୁହଁନ୍ତି । ପରସ୍ପର ପରସ୍ପରକୁ ଆଲିଙ୍ଗନ କରିବା ପରିବର୍ତ୍ତେ ଈର୍ଷା, ଦ୍ୱେଷ, ହିଂସା, ପ୍ରତିହିଂସାପରାୟଣ, ଘୃଣା ଆଦି କୁଗୁଣଗୁଡ଼ିକୁ ଆଦରି ନେଇ ସ୍ୱଅଭିମାନରେ ଶତମୁଖ ହୋଇପଡ଼ିଛନ୍ତି । ଧର୍ମରେ ଗ୍ଲାନି ଆସିଯାଇଛି । ସନାତନ ଧର୍ମକୁ ବିକୃତ କରି ଭିନ୍ନ ଭିନ୍ନ ନାମରେ ଧର୍ମକୁ ଅଭିହିତ ତଥା ନାମକରଣକରି ମୂଳଧାରାର ମୂଳପିଣ୍ଡ ଏବଂ ମୂଳସତ୍ତାକୁ ସମ୍ପୂର୍ଣ୍ଣଭାବେ ପାଶୋରି ଯାଇଛନ୍ତି ।

ଏହାର ଅନ୍ୟ ଏକ କାରଣ ରୂପେ ଯୁଗବାଦକୁ ମଧ୍ୟ ଗ୍ରହଣ କରାଯାଇପାରେ । ପ୍ରତିଯୁଗର ଆବଶ୍ୟକତାକୁ ବିଚାରକୁ ନେଇ ପରଂବ୍ରହ୍ମ ମଣ୍ଡଳରୁ 'ଚରମ' ସତ୍ତାର ଇଚ୍ଛା ବହନକରି ଯେଉଁ ଧର୍ମାଚାର୍ଯ୍ୟ, ଅବତାରୀ, ଋଷି, ଯୋଗୀ, ମୁନି, ଗୁରୁଅଙ୍ଗମାନେ ଅବତରଣ କରିଛନ୍ତି, ସେମାନଙ୍କର ରୂପ, **ଜ୍ଞାନ**, **ଲୀ**ଳାର ଏକ **ଶକ୍ତ ଆ**ବରଣ ଜୀବର ମନକୁ (ଚିତ୍ତକୁ) ଆଚ୍ଛାଦିତ କରି ରଖିଛି । ତେଣୁ ଆଧ୍ୟାତ୍ମିକ ପଥରେ ଗତି କରିବାକୁ ମନେ କରୁଥିବା ଜୀବ ଯେତେ କ୍ଷିପ୍ର ଗତିରେ ବ୍ୟାକୁଳିତ ହୋଇ ଧାବମାନ କରୁଥିଲେ ମଧ୍ୟ ସେହି ଯୁଗୀୟ ଭାବଧାରାର ଉର୍ଦ୍ଧ୍ୱସ୍ତରକୁ ଚିନ୍ତା ମଧ୍ୟ କରିପାରୁନାହିଁ । ଯେଉଁ ଯେଉଁ ରୂପ ଯଥା :– ମୀନ, ବରାହ, ନୃସିଂହ, କଚ୍ଛପ, ରାମ, କୃଷ୍ଣ, ଆଲ୍ଲା, ଯୀଶୁ, ଈଶାଇ ଇତ୍ୟାଦି ଧରାବତରଣ କରିଯାଇଛନ୍ତି, ଜୀବର ଚିନ୍ତାଧାରା ଠିକ୍ ସେତିକିବାଟ ଯାଇ ଅଟକି ଯାଉଛି । ଅଧିକ ଚିନ୍ତା କରିବାର ଅବକାଶ ରହୁନାହିଁ । ଏହି ଯୁକ୍ତିରେ 'ଚୈତନ୍ୟ' ବିବାଦ ଯେ ଯୁଗଯୁଗଧରି ଅମିମାଂସିତ ରହି ଆସିଛି – ଏହା କହିଲେ ଅତ୍ୟୁକ୍ତି ହେବନାହିଁ । ସୁତରାଂ ଗତ ହୋଇଯାଇଥିବା ଯୁଗାନୁବାଦର ବିବାଦର ପରିସମାପ୍ତି ହୋଇ ବାସ୍ତବ ମୀମାଂସା ଅନ୍ତଗତ, ମଜ୍ଜାଗତ ନ ହୋଇ ପାରିଲେ ଚିତ୍ତ ବା ମନର ଶୁଦ୍ଧତା ହୋଇପାରବ ନାହିଁ କିମ୍ବା ଜୀବ ଆବଦ୍ଧ ସୀମାକୁ ଅତିକ୍ରମ କରି ବାସ୍ତବ ମୀମାଂସାରେ ପହଞ୍ଚି ପାରିବ ନାହିଁ । କିନ୍ତୁ ଏହା କିପରି ସମ୍ଭବ ହେବ ? ହଁ, ଏହା ନିଶ୍ଚିତ ସମ୍ଭବ ହେବ । କାରଣ ବ୍ରହ୍ମା ଚୈତନ୍ୟ, ବିଷ୍ଣୁ ଚୈତନ୍ୟ, ରୁଦ୍ର ଚୈତନ୍ୟର ଉର୍ଦ୍ଧ୍ୱରେ ଯେ ଆଉ ଏକ ଅପରିବର୍ତ୍ତନୀୟ, ଅସୀମ, ଅବ୍ୟକ୍ତ, ଅବର୍ଣ୍ଣନୀୟ, ଅଦୃଶ୍ୟ, ଅଚିନ୍ତ୍ୟ ଅକଳ୍ପନୀୟ 'ଚୈତନ୍ୟ' ଅଛି ଯେଉଁଠାରୁ ଉପରୋକ୍ତ ତ୍ରିଚୈତନ୍ୟର ଉଦ୍ରେକ ହୋଇଛି ଏବଂ ସେହିଠାରେ ହିଁ ବିଲୀନ ହୋଇଯାଇଛି । ତାହାରି ନାମ **'ଚରମ ଚୈତନ୍ୟ'** । ଏହି ଚୈତନ୍ୟ ମଧ୍ୟରେ ବିଭେଦ ନାହିଁ, ବିଭାଗନାହିଁ, ବିରାମ ନାହିଁ, ବିଦ୍ୱେଷ ନାହିଁ, ବିଭିନ୍ନତା ନାହିଁ, ସୁଖ ନାହିଁ କି ଦୁଃଖ ନାହିଁ, ପାପ ନାହିଁ କି ପୁଣ୍ୟ ମଧ୍ୟ ନାହିଁ, ଭୁଲନାହିଁ, ଠିକ୍ ବି ନାହିଁ, ସତ୍ୟ ନାହିଁ କି ମିଥ୍ୟା ନାହିଁ ସୃଷ୍ଟି ନାହିଁ, କି ବିଲୟ ନାହିଁ, ଆନନ୍ଦ ନାହିଁ କି ନିରାନନ୍ଦ ନାହିଁ, ରୂପ, ରସ, ଗନ୍ଧ, ସ୍ୱାଦ, ବିକାର ଓ ପ୍ରକାର ନାହିଁ । ତା ହେଲେ କ'ଣ ଅଛି ? ଅଛି କେବଳ **'ଚରମ'–'ଶେଷ', – 'ଅଖଣ୍ଡ ଶାନ୍ତି' 'ଅସରନ୍ତି ସ୍ଥିରତା'– 'ସମଦୃଷ୍ଟିଭାବ'** ଏବଂ **'ପରମସୁଖ'** – ଯେଉଁ ସୁଖକୁ ବ୍ୟକ୍ତ କରିବା ପାଇଁ ଭାଷା ମଧ୍ୟ ନାହିଁ । ଯେତେବେଳେ ଜୀବର ଚିତ୍ତ ବା ଚିତ୍ ବା ମନ ମା' ପ୍ରକୃତିଦେବୀଙ୍କର କୃପାପ୍ରାପ୍ତ ହୋଇ ସ୍ଥିର ହୋଇଯାଏ, ସ୍ପନ୍ଦନହୀନ ହୋଇଯାଏ, ଚିନ୍ତାଶୂନ୍ୟ ହୋଇଯାଏ, ଭୂମି, ଜଳ, ବାୟୁ, ଅଗ୍ନି, ଆକାଶ ତତ୍ତ୍ୱରୂପୀ ମାୟାବନ୍ଧନରୁ ମୁକ୍ତ ହୋଇଯାଏ,

ସେତେବେଳେ ସେ ସୃଷ୍ଟିର ଆରମ୍ଭ ଏବଂ ଅନ୍ତଃତତ୍ତ୍ୱର ଅନ୍ତିମ ରହସ୍ୟଯୁକ୍ତ ଚେତନା ସହିତ ଯୁକ୍ତ ହୋଇଯାଏ । ସେତିକିବେଳେ ସେ **'ଚରମଚୈତନ୍ୟ'** ପ୍ରାପ୍ତ ହୋଇ **'ଚରମ'**କୁ ଅନୁଭବ କରିବାର ଯୋଗ୍ୟତା ଅର୍ଜନ କରେ ।

**'ଚରମ'** ଓ **'ଚୈତନ୍ୟ'** ସମ୍ପର୍କରେ ସମ୍ୟକ୍ ଧାରଣା ପରେ ଏବେ ଆସିବା ବର୍ତ୍ତମାନର ଅବସ୍ଥିତିକୁ । ଯୁଗାନୁବାଦକୁ ନେଇ ଅନେକ ବିରୋଧମତ ଦେଖିବାକୁ ମିଳୁଛି । ଅନେକ କହୁଛନ୍ତି ବର୍ତ୍ତମାନ କଳିଯୁଗ ଚାଲିଅଛି ଏବଂ ଏହା ଅନ୍ତିମ ପର୍ଯ୍ୟାୟରେ ଉପନୀତ । ଅନ୍ୟ କିଛି ବ୍ୟକ୍ତି ଆଲୋଚନା କରନ୍ତି କଳିଯୁଗର ଶେଷ ଆହୁରି ଅନେକ ଲକ୍ଷ ବର୍ଷ ବାକି ଅଛି । ବାସ୍ତବରେ ଉଭୟ ହିଁ ସତ୍ୟ କହୁଛନ୍ତି । ଏହି ସତ୍ୟର ଅନ୍ତରାଳରେ ଏକ ଗୁପ୍ତ ରହସ୍ୟ ଲୁକ୍କାୟିତ । ସେହି ଗୋପନୀୟ ତତ୍ତ୍ୱଟିର ଉନ୍ମୋଚନ ହୋଇନଥିବାରୁ ଏହି ବିବିଧତା ଦେଖିବାକୁ ମିଳୁଛି । ଏଠାରେ ସେହି ଅନାଲୋଚିତ ଗୁପ୍ତ ରହସ୍ୟର ଅନାବରଣ କରିବାର ପ୍ରୟାସ କରାଯାଉଛି । ଯଥା :-

ଯୁଗ ହେଉଛି ଚାରିଟି । ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି । ଏହା ସତ୍ୟ ଏବଂ ଅପରିବର୍ତ୍ତନୀୟ । ମାତ୍ର, ଏହି ଯୁଗଗୁଡ଼ିକର ଅନ୍ତର୍ଯୁଗ ଅଛନ୍ତି ।
ସେହି ଅନ୍ତର୍ଯୁଗର ସାରଣୀ ନିମ୍ନରେ ପ୍ରଦତ୍ତ ହେଲା -

## ଯୁଗ-ଅନ୍ତର୍ଯୁଗ ସାରଣୀ

| କ୍ରମ | ଯୁଗନାମ | ଅନ୍ତର୍ଯୁଗ-୧ | ଅନ୍ତର୍ଯୁଗ-୨ | ଅନ୍ତର୍ଯୁଗ-୩ | ଅନ୍ତର୍ଯୁଗ-୪ |
|---|---|---|---|---|---|
| ୧ | ସତ୍ୟ | ସତ୍ୟ | ତ୍ରେତୟା | ଦ୍ୱାପର | କଳି |
| ୨ | ତ୍ରେତୟା | ସତ୍ୟ | ତ୍ରେତୟା | ଦ୍ୱାପର | କଳି |
| ୩ | ଦ୍ୱାପର | ସତ୍ୟ | ତ୍ରେତୟା | ଦ୍ୱାପର | କଳି |
| ୪ | କଳି | ସତ୍ୟ | ତ୍ରେତୟା | ଦ୍ୱାପର | କଳି |

ପ୍ରତିଯୁଗର ଚାରି ଅନ୍ତର୍ଯୁଗ ଅଛି । ଗୋଟିଏ ଯୁଗରେ ଚାରି ସଂସ୍କୃତି - ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଭୋଗ ନହେଲେ ସେହିଯୁଗ ସମାପ୍ତ ହୁଏ ନାହିଁ । ତେଣୁ ଚାରିଯୁଗର ପର୍ଯ୍ୟାୟକ୍ରମେ ଚାରି ଅନ୍ତର୍ଯୁଗ ଭୋଗ ହେଲାପରେ ଗୋଟିଏ କଳ୍ପ ଭୋଗହୁଏ । ଏହାହିଁ ଯୁଗାନୁବାଦର ଏକ ଅତି ସଂକ୍ଷିପ୍ତ ବର୍ଣ୍ଣନା ।

ଉପରୋକ୍ତ ତଥ୍ୟକୁ ବିଚାରକୁ ନେଲେ ସତ୍ୟଯୁଗର ସତ୍ୟ, ତ୍ରେତୟା, ଦ୍ୱାପର ସଂସ୍କୃତି ସମାପ୍ତ ହୋଇ ବର୍ତ୍ତମାନ କଳି ସଂସ୍କୃତି ଉପସ୍ଥିତ ଏବଂ ଆମେ ସେହି ଅବଧିରେ ଗତି କରୁଅଛେ । ଉକ୍ତ ଅନ୍ତର୍ଯୁଗ କଳି ବର୍ତ୍ତମାନ ଅନ୍ତିମ ଚରଣରେ ପହଞ୍ଚିଯାଇଛି । ସେଥିପାଇଁ ସତ୍ୟଯଗୁର ପ୍ରାରମ୍ଭରୁ ଅଦ୍ୟାବଧି ଯେତେ ସଂସ୍କୃତି ତଥା ତଦ୍‌ଅନ୍ତର୍ଗତ ବିବାଦାତ୍ମକ ଭାବଧାରା ପ୍ରଚଳିତ ହୋଇ ସମାଜକୁ ଖଣ୍ଡବିଖଣ୍ଡିତ କରି ଦେଇଅଛି, ସେହି ସମସ୍ତ ବିବାଦର ସମାଧାନ ବା ମୀମାଂସାର ସମୟ ଉପନୀତ ହୋଇଯାଇଛି ।

ପୂର୍ବରୁ ଆଲୋଚିତ ହୋଇଛି ପ୍ରତି ଅନ୍ତର୍ଯୁଗର ସମସ୍ୟାକୁ ଆଧାର କରି ସେହି ସମୟର ଆବଶ୍ୟକତା ଅନୁଯାୟୀ ଜ୍ଞାନ, ତତ୍ତ୍ୱ, ଭକ୍ତି ତଥା ଆଦର୍ଶକୁ ବିସ୍ତାର କରିବା ପାଇଁ ପରଂବ୍ରହ୍ମ ପରମାତ୍ମା ଉପରବର୍ଣ୍ଣିତ ଗୋଲୋକଧାମ, ବିଷ୍ଣୁଧାମ ବୈକୁଣ୍ଠ, ବ୍ରହ୍ମାଧାମ, ବ୍ରହ୍ମମଣ୍ଡଳ ତଥା ଶିବଧାମ କୈଳାସରୁ ବିଭିନ୍ନ ଅବତାରୀ, ଅବତାର, ଗୁରୁଅଙ୍ଗ (ଗୁରୁ, ସଦ୍‌ଗୁରୁ, ଉପଗୁରୁ, ଖଣ୍ଡଗୁରୁ)ମାନଙ୍କୁ ପ୍ରେରଣ କରିଥା'ନ୍ତି ଏବଂ କରିଛନ୍ତି ମଧ୍ୟ । ମାତ୍ର, ବର୍ତ୍ତମାନର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ପ୍ରତ୍ୟେକ ଅନ୍ତର୍ଯୁଗରେ ବିସ୍ତାରିତ ହୋଇଥିବା ଜ୍ଞାନତତ୍ତ୍ୱ ସାମ୍ପ୍ରତିକ ସ୍ଥିତିରେ ଭୟଙ୍କର ବିବାଦ ସୃଷ୍ଟି କରିଯାଉଛି । ସେଥିପାଇଁ **'ଚରମ'** ଯାହାଙ୍କ ଅବ୍ୟକ୍ତ ସ୍ଥିତିର ବ୍ୟକ୍ତ ଇଚ୍ଛାର ପ୍ରତୀକରୁ ଅବତାରୀ ଏବଂ ଅନ୍ୟମାନେ ଅବତରିତ ହୋଇଥିଲେ । ସେହି 'ଚରମ'ରୁ 'ଚରମ'ଙ୍କ ଇଚ୍ଛାର ବ୍ୟକ୍ତ ସ୍ୱରୂପରେ ମାନବଅଙ୍ଗ ଧାରଣ କରି ପୂର୍ଣ୍ଣ ଗୁରୁଙ୍କର ସ୍ୱରୂପ ନେଇ ଏ ମୃତ୍ୟୁଲୋକକୁ ଅବତରୀ ଆସିଛନ୍ତି । ଯାହାଙ୍କ ନାମ ହେଉଛି **'କେଶବ'** । ଏଠାରେ ପୂର୍ବଗୁରୁଙ୍କ ଏକ ଉକ୍ତି ଅବତାରଣ କଲେ ଭୁଲ ହେବନାହିଁ ବୋଲି ବିଚାର କରୁଛୁ ।

''ଆକାଶାତ୍ ପତିତଂତୁୟା ଯଥା ଗଚ୍ଛତି ସାଗରଂ
ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।''

ଆକାଶରୁ ଝରିପଡୁଥିବା ପ୍ରତ୍ୟେକ ଜଳବିନ୍ଦୁ ନିମ୍ନାଭିମୁଖୀ ହୋଇ ଯେପରି କେବଳ ସାଗରରେ ହିଁ ମିଶିଯାଇଥାଏ, ଠିକ୍ ସେହିପରି ଯେକୌଣସି ଦେବାଦେବୀଙ୍କ ନାମ ଧରି ପ୍ରଣାମ କଲେ ମଧ୍ୟ ସେ ପ୍ରଣାମଟି କେବଳ **'କେଶବ'**ଙ୍କ ନିକଟକୁ ହିଁ ପ୍ରେରଣ ହୋଇଥାଏ ।

ଧରାବତରଣର ୬୦ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ଏହି ଅବଧି ମଧ୍ୟରେ ନିଜର ପରିଚୟ ପ୍ରଦାନକରି ବିଶ୍ୱକୁ ଏକମୁଖୀ ଆଦର୍ଶରେ ଅନୁପ୍ରାଣିତ କରିବାର ପ୍ରୟାସ କରି **'ଚରମ'** ପତ୍ରିକା ମାଧ୍ୟମରେ ତଥା ଯଜ୍ଞ ଓ ସତ୍‌ସଙ୍ଗ କରିଆରେ ଯଥାସମ୍ଭବ ପ୍ରଯତ୍ନ କରିଛନ୍ତି । ମାତ୍ର ଯୋଗମାୟାଙ୍କ ଶକ୍ତ ମାୟାଗଣ୍ଡୁକୁ ଭେଦ କରି ଜୀବ ତାଙ୍କୁ ନା ଚିହ୍ନିପାରିଛି, ଗ୍ରହଣ ବା ସ୍ୱୀକାର କରିପାରିଛି ନା ତାଙ୍କର ଆଦର୍ଶ,

ଉପଦେଶକୁ ସ୍ପର୍ଶ କରିପାରିଛି । କେହି କେହି ତାଙ୍କୁ କଳ୍କୀ ଅବତାର କହୁଛନ୍ତି ତ ଅନ୍ୟକିଏ ବ୍ରହ୍ମ, ପରଂବ୍ରହ୍ମ ଇତ୍ୟାଦି ଅଳଙ୍କାରରେ ଆଭୂଷିତ କରିଚାଲିଛନ୍ତି । କିନ୍ତୁ, ଏହା ସତ୍ୟ ଯେ ସେ କଳ୍କୀ ଅବତାର ନୁହଁନ୍ତି । ବ୍ରହ୍ମ ମଣ୍ଡଳବାସୀ ବ୍ରହ୍ମାବତାର ନୁହଁନ୍ତି, ଗୋଲୋକାଧିବାସୀ ପରଂବ୍ରହ୍ମ ମଧ୍ୟ ନୁହଁନ୍ତି । କିନ୍ତୁ, ତାଙ୍କର ସତ୍ତା ବ୍ରହ୍ମଙ୍କ ଠାରୁ ଆରମ୍ଭ କରି ପରଂବ୍ରହ୍ମଙ୍କ ପର୍ଯ୍ୟନ୍ତ, ସର୍ବଲୋକରୁ ଆରମ୍ଭ କରି ସୌରମଣ୍ଡଳ ପର୍ଯ୍ୟନ୍ତ, ସର୍ବଲୋକପାଳ, ଦିଗ୍‌ପାଳ ଠାରୁ ଆରମ୍ଭ କରି ସକଳ ବ୍ରହ୍ମାଣ୍ଡ ତଥା ତଦ୍ ଅନ୍ତର୍ଗତ ସ୍ଥାବର, ଜଙ୍ଗମ, କୀଟପତଙ୍ଗ, ସର୍ବଜୀବ ମଧ୍ୟରେ ବିଦ୍ୟମାନ ଏବଂ ଏମାନଙ୍କର ସତ୍ତା ତାଙ୍କ ମଧ୍ୟରେ ଅବସ୍ଥିତ । ସେ ହିଁ ସ୍ୱୟଂ **'ଚରମ'** ବା **'ପରମ'** । ତାଙ୍କର ଏ ନରତନୁ ଯୋଗମାୟାଙ୍କ ସାହାଯ୍ୟରେ ପ୍ରକୃତିପ୍ରଦତ୍ତ ରୂପ । ସେଥିପାଇଁ ସେ **'ସନ୍ଦେଶପତ୍ର'**ରେ କହିଛନ୍ତି, 'ତମେ ମତେ ଚାହିଁ, ମୁଁ ତୁମକୁ ଚାହିଁ ସାଇଁଙ୍କ ପାଖକୁ ନେଇଯିବି ।' କେଉଁ ସାଇଁଙ୍କ ପାଖକୁ ନେଇଯିବେ ? ତୁମମାନଙ୍କ ଭିତରେ ଯୋଗମାୟା ପ୍ରଭାବରେ ଯେଉଁ ସାଇଁଙ୍କ ନାମ, ରୂପ ଏକ ବୃହଦ୍‌କାୟ ରୂପର ଆକୃତି ନେଇ ତୁମମାନଙ୍କ ମନକୁ ବନ୍ଧନ କରି ଦେଇଛି ଏବଂ ତୁମେ ଯେଉଁ ରୂପ ଚାହୁଁଛ ସେ ରାମ ହୁଅନ୍ତୁ, କୃଷ୍ଣ ହୁଅନ୍ତୁ, ମହେଶ୍ୱର ହୁଅନ୍ତୁ, ଗଣେଶ, କାର୍ତ୍ତିକେୟ, ଦୁର୍ଗା, କାଳୀ, ତାରା, ଯୀଶୁ, ଆଲ୍ଲା, ଇଶାଇ ଇତ୍ୟାଦି ଯେକୌଣସି ରୂପ ହୁଅନ୍ତୁ, ତାହାକୁ ହିଁ ତୁମ ହୃଦୟ ମଧ୍ୟରେ ପ୍ରକାଶିତ କରାଇଦେବି । ତୁମର ମନ ବା ଚିତ୍‌କୁ ଶୁଦ୍ଧ, ପବିତ୍ର, ସ୍ଥିର କରାଇ ଚେତନାଯୁକ୍ତ କରାଇଦେବି । ଶେଷରେ ତୁମର ଚୈତନ୍ୟ ଉଦୟ ହୋଇ ଆତ୍ମାନୁଭବ କରିପାରିବ, ଯେଉଁ ନାମରେ ଡାକିବ, ମୁଁ ସେହି ନାମରେ ଶୁଣିବି । ଯେଉଁ ରୂପ ଖୋଜିବ, ମୁଁ ସେହି ରୂପ ଦେଖାଇ ଦେବି । ତୁମେ କେବଳ ମୁଁ କହୁଥିବା, ଦେଇଥିବା ରାସ୍ତାରେ ବିଶ୍ୱାସ ଏବଂ ଦୃଢ଼ତାର ସହ ଗତିକର ।

ମନେରଖ, ନଦୀର ପ୍ରବାହିତ ଜଳ ଯେପରି ପଛକୁ ଫେରିପାରେ ନାହିଁ, ସମୟର ଗତି ଯେପରି ଫେରିପାରେ ନାହିଁ, ଆଜିପର୍ଯ୍ୟନ୍ତ ମୁଁ ଦେଇଥିବା କଲ୍ୟାଣ କେବେ ବି ଫେରିବ ନାହିଁ । ଆଗକୁ ଆଗକୁ ଗତି କରି ଚାଲିଛି ଏବଂ ଚାଲିଥିବ । ନଦୀର ଜଳସ୍ରୋତ ପ୍ରବାହିତ ହେବା ସମୟରେ ଯେପରି ବିଭିନ୍ନ ବସ୍ତୁକୁ ସ୍ପର୍ଶ କରେ, କିନ୍ତୁ ଭ୍ରୂକ୍ଷେପ ନକରି ଆଗକୁ ଆଗକୁ ମାଡ଼ିଚାଲେ ଠିକ୍ ସେହିପରି ମୁଁ ଦେଇଥିବା, ଦେଉଥିବା, ଦେବାକୁ ଥିବା **'କଲ୍ୟାଣ'** କେବେବି ପଛକୁ ଫେରିବ ନାହିଁ । ତା'ର ଗତିପଥରେ ଯେଉଁ ବର୍ଜ୍ୟବସ୍ତୁକୁ ସେ ସ୍ପର୍ଶ କରି ତାକୁ ଦୂରେଇ ଦେଇ ଚାଲିଛି, ତାହାକୁ ହିଁ ତୁମେ କହୁଛ''ଦୁଃଖ, ଶୋକ, ରୋଗ, ସନ୍ତାପ, ସମସ୍ୟା ଇତ୍ୟାଦି ।

ଦିବ୍ୟାତ୍ମା ପାଠକବୃନ୍ଦ ! **'ଚରମ' 'ଚୈତନ୍ୟ'** ଶବ୍ଦର କିଞ୍ଚିତ୍‌ଅଂଶ ଆଲୋଚନା କରିବାପରେ ଆପଣମାନଙ୍କ କିଛି ଦ୍ୱନ୍ଦ୍ୱର ସମାଧାନ ହୋଇଥିବ ବୋଲି ଆଶାରଖୁଛୁ । ସେହି ପରମକାରୁଣିକ, ଚରମସ୍ୱୟଂ ବର୍ଷବର୍ଷ ଧରି ଉପଦେଶ, କଲ୍ୟାଣ, ଜ୍ଞାନତତ୍ତ୍ୱ ବିତରଣ କରି ଚାଲିଥିଲେ ମଧ୍ୟ ତାଙ୍କ ସ୍ୱବର୍ତ୍ତମାନରେ ବି ଜୀବ ତାଙ୍କୁ ସ୍ୱୀକାର ବା ଗ୍ରହଣ କରିବାପାଇଁ ଅନିଚ୍ଛୁକ । ତାଙ୍କର ଆଦର୍ଶ ମାନିବାକୁ ଆଗ୍ରହୀ ନୁହେଁ । କିନ୍ତୁ ସେ ପରମପିତା ସଂକଳ୍ପବଦ୍ଧ । ପ୍ରତିଜ୍ଞାବଦ୍ଧ । ସତ୍ୟସିଦ୍ଧ । ସଦ୍‌ପୁରୁଷ । ପୂର୍ଣ୍ଣଗୁରୁ । ଚାରି ଅନ୍ତଯୁର୍ଗର ମୀମାଂସା କରି ଗୋଟିଏ ଯୁଗ ସମାପ୍ତିର ସମାଧାନ ନିଷ୍ପନ୍ନ କରିବେ । ସେଥିପାଇଁ ସେ ଆମମାନଙ୍କ ଉପରେ ଆଉ ଭରସା ନରଖି, ନା ଅଭିମାନ ନା ଅନୁଶୋଚନା, ନା କ୍ରୋଧ ନା ଅଭିଶାପ କିଛି ବିଚାର ନକରି - ଆତ୍ମମାନଙ୍କର ଚିତ୍(ମନ) ଶୁଦ୍ଧ, ସ୍ଥିର, ଅଚଞ୍ଚଳ କରାଇ ଚେତନା ସହିତ ସଂଯୁକ୍ତ କରି **'ଚୈତନ୍ୟ'** ଉଦୟ କରାଇବାର ପ୍ରତିଜ୍ଞା କରିଛନ୍ତି । ତେଣୁ ସ୍ୱୟଂ ଉପସ୍ଥିତ ରହି **'ଚରମ'** ମଣ୍ଡଳ ଭେଦ କରିବାର ମନ୍ତ୍ରଧ୍ୱନି ଅବତରିତ କରାଇଛନ୍ତି । ସେହି ମନ୍ତ୍ରଧ୍ୱନି ନିନାଦରେ **'ଚରମ'**ରୁ **'ଚରମ ଜ୍ଞାନ ବା ଚେତନା'** ଉଦ୍‌ଭାସିତ କରି ଆତ୍ମମାନଙ୍କର ଅହଂଯୁକ୍ତ ଅନ୍ଧକାର ଆଚ୍ଛାଦିତ, ମୋହଯୁକ୍ତ ଚିତ୍ (ପ୍ରକୃତିଶକ୍ତି) ଓ ଚରମ ଚେତନା (ଅନ୍ତିମ ସ୍ଥଳର ଜ୍ଞାନ)କୁ ଯୁକ୍ତ କରିବାର ଲକ୍ଷ୍ୟ ନେଇ **'ଚରମ ଚୈତନ୍ୟ ମହାଯଜ୍ଞ'** ଆରମ୍ଭ କରିଦେଇଛନ୍ତି ।

ଦୃଢ଼ତା ଓ ବିଶ୍ୱାସର ସହ ସ୍ମରଣ ରଖନ୍ତୁ, ବର୍ତ୍ତମାନ ଧର୍ମ-ଅଧର୍ମ, ପାପ-ପୁଣ୍ୟ ଓ ସତ୍-ଅସତ୍ ମଧ୍ୟରେ ଯୁଦ୍ଧର ଶଙ୍ଖନାଦ ହୋଇସାରିଛି । ଆପଣମାନଙ୍କ ଉପରେ ନିର୍ଭର କରୁଛି-କେଉଁ ପକ୍ଷରେ ରହିବେ ? ବିଚାର ଆପଣମାନଙ୍କର ଏବଂ କଲ୍ୟାଣ ସେହି ଅବ୍ୟକ୍ତ ଚରମଙ୍କ ବ୍ୟକ୍ତ ସ୍ୱରୂପଙ୍କର । ଏଠାରେ ଆଉ ଏକ ସତ୍ୟର ଅବତାରଣ କରୁଛୁ, ଆପଣମାନେ ଯେଉଁ ମନ୍ଦିରକୁ ଯାଉଛନ୍ତି, ସେଠାରେ ଅଭିସିକ୍ତ, ପୂଜିତ ଦେବାଦେବୀଙ୍କୁ ଦେଖୁଛନ୍ତି ନା ତାଙ୍କର ସ୍ୱରୂପକୁ ଆବଦ୍ଧ କରି ରଖିଥିବା ରୂପର ଢାଙ୍କୁଣୀକୁ ଦେଖୁଛନ୍ତି ? ଥରେ ଗମ୍ଭୀର ଭାବରେ ଚିନ୍ତା କରନ୍ତୁ । ଏହା କହିବାର ତାତ୍ପର୍ଯ୍ୟ, ଆପଣ **'କେଶବ'**କୁ ଦେଖୁଛନ୍ତି ନା ପ୍ରକୃତିପ୍ରଦତ୍ତ ଶରୀରର ଢାଙ୍କୁଣୀ ଦେଖୁଛନ୍ତି ? ହେ ଦିବ୍ୟାତ୍ମନ୍ ! ତାଙ୍କ ଇଚ୍ଛାନୁଯାୟୀ ଯୋଗମାୟା ଶରୀର ରୂପକ ଏକ ଖୋଳପା ମଧ୍ୟରେ ସେହି ଅବ୍ୟକ୍ତ, ଅପରିସୀମ 'ଚରମ' ସ୍ୱରୂପକୁ ଲୁଚାଇ ରଖିଛନ୍ତି । କିନ୍ତୁ ସୂକ୍ଷ୍ମତଃ ସେ ଆମରି ଭିତରେ ଆତ୍ମା ସତ୍ତାନେଇ ଖେଳି ଖେଳାଉଛନ୍ତି । ଯୋଗମାୟା ଯେତିକିବେଳେ ଆପଣଙ୍କୁ ତାଙ୍କର ଅସଲ ସ୍ୱରୂପ ସହ ସାକ୍ଷାତକାର କରାଇବେ, ଯେତେବେଳେ ପିଣ୍ଡରେ **'ଚରମ ଚୈତନ୍ୟ'**ର ଉଦୟ

ହେବ । ତା ପୂର୍ବରୁ କଦାପି ସମ୍ଭବ ନୁହେଁ । **'ଚରମ ଚୈତନ୍ୟ'** ସେତିକିବେଳେ ସେ ନିଜେ ଉଦୟ କରାଇବେ, ଯେତେବେଳେ ଆପଣମାନେ କମ୍ବୁକଣ୍ଠରେ ଦୃଢ଼ତା ଓ ବିଶ୍ୱାସର ସହିତ ତାଙ୍କରି **ଶ୍ରୀରଙ୍ଗୀ** ଚରଣରେ ସର୍ବୋତଭାବରେ ନିଜକୁ ସମର୍ପିତ କରାଇ ପାରିବେ । ଏ ସମର୍ପଣ ଶକ୍ତି ସେତିକିବେଳେ ଜାଗ୍ରତ ହେବ, ଯେତେବେଳେ ତାଙ୍କର ଅହେତୁକ ଅନୁକମ୍ପା ଏବଂ ଆପଣଙ୍କର ଅଖଣ୍ଡ ବିଶ୍ୱାସ ଓ ଅବିଭାଜିତ ପ୍ରେମ ଏକ ବିନ୍ଦୁରେ ଏକତ୍ର ହେବ । ଏହାହିଁ **'ଚରମ ଚୈତନ୍ୟ ମହାଯଜ୍ଞ'**ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ବର୍ତ୍ତମାନ ଆସିବା – ଆଜି ଏହି ମହାର୍ଘ୍ୟ ମୁହୂର୍ତ୍ତରେ ଯେଉଁ ପବିତ୍ର ଭୂମି ଉପରେ ଆମେ ଜୀବ–ବ୍ରହ୍ମ ଏକତ୍ର ହୋଇ ଆଉ ଏକ ବ୍ରହ୍ମମଣ୍ଡଳ ସୃଷ୍ଟି ହୋଇ ଯାଇଅଛି । ପୂର୍ବରୁ କୁହାଯାଇଛି ପ୍ରତି ଅନ୍ତର୍ଯୁଗର ମୀମାଂସା କରିବାକୁ ସେ ବଚନବଦ୍ଧ ହୋଇ ଆସିଛନ୍ତି । ତେଣୁ ଦ୍ୱାପର ଅନ୍ତର୍ଯୁଗ ସଂସ୍କୃତିର ଏକ ମୀମାଂସା କିପରି ନ କରି ରହିପାରିବେ ? ଆଜିର ନାମିତ ଏହି ସ୍ଥାନ **ଶୁକୁଳି** ଦ୍ୱାପର ସଂସ୍କୃତିରେ ଜଣେ ରାଜର୍ଷି **'ସତ୍ୟପଦ୍ମ'**ଙ୍କର ରାଜଧାନୀ ଥିଲା । ସେହି ରାଜସଭାରେ ରାଜକୁଳଗୁରୁର ଆସନ ଗ୍ରହଣ କରିଥିଲେ ମହାତ୍ମା **'ଶିୟୋକୁଳି'** । କିଚ୍‌କଗଡ଼ରେ ମଧ୍ୟ ସେ ମହାପଣ୍ଡିତ ଉପାଧିରେ ଭୂଷିତ ହୋଇଥିଲେ । ସତ୍ୟାଶ୍ରୟୀ ଶିୟୋକୁଳି ଆଜନ୍ମ ବ୍ରହ୍ମଚାରୀ ଥିଲେ । ତାଙ୍କର ସତ୍ୟ ପ୍ରତି ରହିଥିବା ନିଷ୍ଠାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ତାଙ୍କୁ ଉଜ୍ଜୟିନୀରେ ତପସ୍ୟା କରିବାପାଇଁ ନିର୍ଦ୍ଦେଶ ଦେଲେ । ବ୍ରହ୍ମାଙ୍କ ଇଙ୍ଗିତ ଗ୍ରହଣ କରି ଶିୟୋକୁଳି ଉଜ୍ଜୟିନୀରେ ପ୍ରଚଣ୍ଡ ତପସ୍ୟା କଲେ । ସେହି କଠୋର ତପସ୍ୟାରେ ପ୍ରୀତ ହୋଇ ବ୍ରହ୍ମା ତାଙ୍କୁ **'ବ୍ରହ୍ମଜ୍ଞାନ'** ଆଶିଷ ପ୍ରଦାନ କଲେ । ବ୍ରହ୍ମଜ୍ଞାନୀ ହେବାପରେ ପୁନଶ୍ଚ ସେ ଏହି ସ୍ଥାନକୁ ଫେରି ଆସିଲେ । ତତ୍‌ପରେ **'ଦେବଦୂତ'** ନାମକ ଏକ ବ୍ରହ୍ମର୍ଷିଙ୍କ ନିକଟରୁ **'ପିଣ୍ଡନିର୍ଣ୍ଣିତ ତତ୍ତ୍ୱଜ୍ଞାନ'** ପ୍ରାପ୍ତ ହେଲେ । ଉକ୍ତ **'ପିଣ୍ଡ ନିର୍ଣ୍ଣିତ'** ଜ୍ଞାନ ପ୍ରାପ୍ତପରେ **'ତପଧ୍ୟଜ୍ଞାନ'** ପ୍ରାପ୍ତି ପାଇଁ ତପସ୍ୟାରେ ବୁଡି ରହିଲେ । ଏହି ଭୟଙ୍କର ସାଧନ ସମୟରେ ସେ ଯୋଗମାୟାଙ୍କ **'ମୋହ ପରୀକ୍ଷାଚକ୍ର'**ର ସମ୍ମୁଖୀନ ହେଲେ । ବ୍ରହ୍ମାଙ୍କ ଆଶିଷ ଥିବାରୁ ବ୍ରହ୍ମାଙ୍କ ନିର୍ଦ୍ଦେଶରେ **'ତପତିଶ୍ୟା'** ନାମକ ଏକ ସ୍ୱର୍ଗପରୀ ପ୍ରକଟିତ ହୋଇ ତାଙ୍କୁ **ମା' କିଚକେଶ୍ୱରୀଙ୍କ** ବ୍ରହ୍ମତାରକ ମନ୍ତ୍ର ଜପ କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ସେ ମନ୍ତ୍ର ସେ କେଉଁଠାରୁ ପ୍ରାପ୍ତ ହେବେ ପଚାରନ୍ତେ **'ତପତିଶ୍ୟା'** ତାଙ୍କୁ କହିଲେ ଏକମାତ୍ର ବ୍ରହ୍ମର୍ଷି **'ଧ୍ୱଜକ'** ବ୍ରହ୍ମତାରକ ମଣ୍ଡଳ ଭେଦ କରିଛନ୍ତି । ସେ ହିଁ **'ବ୍ରହ୍ମ ମଣ୍ଡଳ'** ଉପରେ ମନ୍ତ୍ର, ତପ, ଆରାଧନା ସୂତ୍ରରେ ପାରଙ୍ଗମ ଅଟନ୍ତି । ତୁମେ ତାଙ୍କୁ ସ୍ମରଣ କର । ତୁମର ମୋହ ଦୂର ହେବ । ମନ୍ତ୍ରସିଦ୍ଧହେବ

ଏବଂ ମା' **କିତକେଶ୍ୱରୀଙ୍କ** ଦର୍ଶନ ଲାଭ କରିବ । ତାହାହିଁ ହେଲା । ସ୍ମରଣ ମାତ୍ରେ **'ଧ୍ୱସ୍ତକ'** ଋଷି ଉପସ୍ଥିତ ହୋଇ ଶିୟୋକୁଲିଙ୍କ ସମସ୍ତ ମାର୍ଗ ପ୍ରଶସ୍ତ କରିଦେଲେ । ଶେଷରେ **ମା' କିତକେଶ୍ୱରୀଙ୍କ** ଦର୍ଶନ ଲାଭ କରି ମୋହ ଓ ମାୟା ଚକ୍ରରୁ ମୁକ୍ତ ହୋଇଗଲେ । ମା' ସନ୍ତୁଷ୍ଟାହୋଇ ବରଯାଚ଼ନା କରିବାରୁ ସେ ମା'ଙ୍କୁ ବର ମାଗିଥିଲେ –

୧. ଜୀବିତାବସ୍ଥାରେ ଅଥବା ମୃତ୍ୟୁପରେ ସର୍ବଦା ତୁମରି ଦର୍ଶନ ଲାଭ କରୁଥିବି ଓ ତୁମେ ସର୍ବଦା ମୋ ନିକଟରେ ଥିବ ।

୨. କଳିର ଅନ୍ତିମ ଚରଣରେ ଯେତେବେଳେ ସତ୍ୟ, ଅସତ୍ୟ ଦ୍ୱାରା କବଳିତ ହେବ, ସେହି ସମୟରେ ମୋର ଏହି ପୀଠ **'ସତ୍ୟପୀଠ'**ର ମର୍ଯ୍ୟାଦା ଲାଭ କରିବ ଓ ସତ୍ୟପୀଠରେ ଧ୍ୱଜା ଉତ୍ତୋଳନ ହେବ ।

୩. ମୋର ଶିଷ୍ୟଗଣ ଯଥା : ବହ୍ନିକି, ଭଞ୍ଜୁକି, ହରିଦନ୍ତା, ମୃଡକ, ଶୌଧ୍ୱୀନା, କୁମୁଦ୍ରତ, ଦ୍ରୁମକ ଏହି ସତ୍ୟପୀଠର ଚତୁଃପାର୍ଶ୍ୱରେ ଶୂନ୍ୟସତ୍ତା ନେଇ ଘୂରୁଥିବେ ଓ ସତ୍ୟପୀଠ ମାନ୍ୟତା ସମୟରେ ଚରମ ପୁରୁଷଙ୍କର ଦର୍ଶନ ଲାଭ କରିବେ ।

ମା' କିଚ଼କେଶ୍ୱରୀ ଏ ସମସ୍ତ ବରପ୍ରଦାନ କରିବା ସହ ବଚ଼ନ ଦେଇଥିଲେ ଯୁଗାନ୍ତରେ ଯେତେବେଳେ **'କେଶବ'** ଧରାବତରଣ କରିବେ, ସେ ନିଜେ ଆସି ତୁମର ଏହି ସ୍ଥାନରେ ସତ୍ୟ, ସନାତନ କେତନ ଉଡାଇବେ ଓ ସ୍ଥାନର ନାମକରଣ **'ସତ୍ୟପୀଠ'** ରଖିବେ । ଏହାପରେ ଚରୁଆଁ ନାମକ ରାକ୍ଷସ ଶିୟୋକୁଲିଙ୍କୁ ଆକ୍ରମଣ କରିବା ସମୟରେ ମା'କୀଚକେଶ୍ୱରୀ ସେ ରାକ୍ଷସକୁ ବଧ କରି ତା'ର ଅଞ୍ଚଳରେ ମା' ମାତଙ୍ଗୀଙ୍କୁ ଆବାହନ କରି ସ୍ଥାପନ କଲେ ଏବଂ ସେ ଅଞ୍ଚଳର ଦାୟିତ୍ୱ ଦେଲେ । ସେହି ମର୍ମରେ ମହାପୁରୁଷ ଅଚ୍ୟୁତ କହନ୍ତି –


କହୁଅଛି ରାମ ତୋତେ ନିଗମ ବାରତା ।
କିତାକେ ହେତୁ 'ଚେତାଇ, ଶୁଣ ତୁହି କଥା ।।
ଶିରୋକୁଳ ନାମେ ସତ୍ ଧର୍ମ ଯେ ହୋଇବ ।
ଏହିଠାରେ ଠୁଳ ହୋଇ ଧ୍ୱଜା ଉଡ଼ାଇବ ।।
'ଧରମ ବାରତା' କଥା ଚାହି କରୁଥିବେ ।
ସତ୍ ଥାପି କେଶବ ଯେ, ଗତି ହେଉଥିବେ ।।
ରାଜଋଷି ମାଆ ଶାପ୍ୟ ସଫଳ ତୁ ରାମ ।
ଆଜ୍ଞାରେ ମାତଙ୍ଗୀ ରୂପେ ହେଉଥିବ କାମ ।।

ସତ୍‌ସଙ୍ଗ ସ୍ଥାପନ, ଧର୍ମଧ୍ୱଜା ଉଡାଇବା ତାଙ୍କ ଗାଥାରେ ପ୍ରଥମ । ସମୟାନୁକ୍ରମେ ଶିୟୋକୁଳିଙ୍କ ନାମାନୁସାରେ ଏହି ସ୍ଥାନର ନାମଥିଲା 'ଶିରୋକୁଳ' । କଳି ସଂସ୍କୃତିରେ ଅପଭ୍ରଂଶ ହୋଇ ସ୍ଥାନଟିର ନାମ **ଶୁକ୍ଳି** ହୋଇଯାଇଅଛି । ଆଜି ସେହି ମଙ୍ଗଳମୁହୂର୍ତ୍ତ । ଏଠାରେ ସୂଚନା ଦେଲେ ଅତ୍ୟୁକ୍ତି ହେବନାହିଁ ଯେ, ସନ ୧୯୯୮ ମସିହା ଏପ୍ରିଲ୍ ମାସ ୨୯ ତାରିଖ ଦିନ ଏହି **ଶୁକ୍ଳି**ଠାରେ ସେହି ପରମପୁରୁଷ ଶୁକ୍ଳିକୁ **'ସତ୍ୟପୀଠ'**ର ମାନ୍ୟତା ଦେବାଲାଗି ସଂକଳ୍ପକରି ଘୋଷଣା କରିଯାଇଥିଲେ । କିନ୍ତୁ ସତ୍ୟର ଧ୍ୱଜା ଉଡାଇବାର ଯେଉଁ ଚରମ ବା ଶେଷ **ଯଜ୍ଞ** ପୂର୍ବରୁ ନାମକରଣ କରିନଥିଲେ ।

ଆଜି ଏହି ମହାନ ପୀଠରେ **'ଚରମ ଚୈତନ୍ୟ ମହାଯଜ୍ଞର'** ତୃତୀୟ ଚରଣରେ ସ୍ୱୟଂ ଧର୍ମଧ୍ୱଜା (କେତନୀ) ଉତ୍ତୋଳନ କରି ଆଜିଠାରୁ **ଶୁକ୍ଳି**ର ନାମକରଣ କଲେ **'ସତ୍ୟପୀଠ ଶୁକ୍ଳି'** । ମହାତ୍ମା ଶିୟୋକୁଳିଙ୍କ ପ୍ରାର୍ଥନା ଓ ମା' ଜୀବକେଶ୍ୱରୀଙ୍କ ବରଦାନର ବଚନ ରକ୍ଷାକରି **'ଚରମ'**, ''ଚରମ''ରେ ପ୍ରଥମ ସତ୍ୟପୀଠ ପ୍ରତିଷ୍ଠା କଲେ । ଏହି ପୀଠ ଓ ଏହି ପୀଠର ମହିମା ଯୁଗଯୁଗ ଧରି ଅମ୍ଳାନ ରହିବ । ପ୍ରେମ, ଭକ୍ତି, ବିଶ୍ୱାସର ସହ ଯେଉଁ ଭକ୍ତ ଏହି ପୀଠରେ ସତ୍ୟର ଉପଲବ୍ଧି ପାଇଁ ଇଚ୍ଛୁକ ହୋଇ ତପସ୍ୟା କରିବ, ସେ **'ଚରମ'**ଙ୍କୁ ଅବଶ୍ୟ ଲାଭ କରିବ । ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ।


ଶେଷରେ ଆସନ୍ତୁ କମ୍ବୁକଣ୍ଠରେ କହିବା ''ହେ ଭକ୍ତବତ୍ସଳ ! ହେ ଅବ୍ୟକ୍ତରୁ ବ୍ୟକ୍ତ ଚରମ'' ! ! ହେ ପରମ କାରୁଣିକ ! ! ! ଆମ ପରି ଅଜ୍ଞାନ, ଅଚେତନ ଜଡ଼ଜୀବ ପ୍ରତି ଏହିପରି କଲ୍ୟାଣ କରି ଆମକୁ ସଦାସର୍ବଦା ଆପଣଙ୍କର ସ୍ନେହ ବଳୟ ମଧ୍ୟରେ ରଖିଥାଆନ୍ତୁ ଏବଂ ଆମ୍ଭର ସମସ୍ତ ଜ୍ଞାତ ଓ ଅଜ୍ଞାତ ଦୋଷ, ତ୍ରୁଟି କ୍ଷମା କରି ଦିଅନ୍ତୁ । କଳି ସଂସ୍କୃତିର ଅନ୍ତିମ ଚରଣରେ ଘୋଷିତ ଏହି ପ୍ରଥମ **'ସତ୍ୟପୀଠ'**ରେ ଶ୍ରୀରାଙ୍ଗା ଚରଣରେ ଏତିକି ମାତ୍ର ପ୍ରାର୍ଥନା ।''

ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ ।



ମହାଶୂନ୍ୟ
ଚିତ୍ର ନଂ.୧
କେଶବଙ୍କ ମର୍ତ୍ତ୍ୟାବତରଣର
କିଞ୍ଚିତ୍ ସୂତ୍ର
ପୂର୍ଣ୍ଣ
ମହାଶୂନ୍ୟ
ଅବ୍ୟକ୍ତ
ଚରମ
ଅରୂପ
ଶକ୍ତି ମାୟା ରଜ୍ଜୁ
ଅସଂଖ୍ୟ ବ୍ରହ୍ମାଣ୍ଡର ଉପରି
ପୁରୁଷ ପ୍ରକୃତି
ମହା ଶୂନ୍ୟ
ବ୍ୟକ୍ତ
ସାକାର
ପରବ୍ରହ୍ମ
ପ୍ରକୃତି ପୁରୁଷ
ଶ୍ରୀରାଧା କୃଷ୍ଣ
ନିତ୍ୟରାସଲୀଳା
ମଳିନ ମାୟା
ଜରାୟୁ
ଯୋଗୀ, ମୁନି, ଋଷି,
ବ୍ରହ୍ମର୍ଷି ଇତ୍ୟାଦି
ଅବତାରୀଙ୍କ ମର୍ତ୍ତ୍ୟାବତରଣ
ଗୁରୁ, ଉପଗୁରୁ, ଖଣ୍ଡଗୁରୁ, ସଦ୍‌ଗୁରୁ
ଶିଶୁ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ନାଭିସୂତ୍ରୀ → ମାଂସ
ଚକ୍ଷୁସୂତ୍ରୀ → ମଦ
ନାସାସୂତ୍ରୀ → ମତ୍ସ୍ୟ
କର୍ଣ୍ଣସୂତ୍ରୀ → ମୁଦ୍ରା
ତୁଣ୍ଡସୂତ୍ରୀ → ମୈଥୁନ
ସାକାରବ୍ରହ୍ମଙ୍କର ପିତା,
ମାତାଙ୍କ ମର୍ତ୍ତ୍ୟାବତରଣ
ଯୁଗାନୁବାଦରେ ତତ୍‌କାଳୀନ ପରିସ୍ଥିତି
ଆଧାରରେ ଅବତାର, ଜ୍ଞାନତତ୍ତ୍ୱଯୋଗୀ
ଧର୍ମଯାଜକ, ପରିବ୍ରାଜକ, ସାଧୁ,
ସନ୍ଥ, ସନ୍ୟାସୀ ଇତ୍ୟାଦି ।
ଚରମ
ଗୁରୁଅଙ୍ଗ
ଶ୍ରୀକେଶବ ପୂର୍ଣ୍ଣ ନରତନୁ/ପୂର୍ଣ୍ଣଗୁରୁ

## ଚିତ୍ର ନଂ.୨

### ଅବ୍ୟକ୍ତ, ବ୍ୟକ୍ତ, ବ୍ରହ୍ମ, ଅବସ୍ଥା



ଚିତ୍ର ନଂ.୩
ସୂକ୍ଷ୍ମକାରଣ
ଜଗତରୁ
ମର୍ତ୍ତ୍ୟଲୀଳା



## ଚିତ୍ର ନଂ.୪

**ମର୍ତ୍ତ୍ୟଲୀଳା ପାଇଁ ପ୍ରକୃତିଙ୍କ ବର୍ଣ୍ଣନା ଓ ସ୍ଥିତି**

ପ୍ରକୃତି

- (୧) ଦୁର୍ଗା (ପାର୍ବତୀ) → କ୍ଷୁଧା, ତୃଷ୍ଣା, ବୁଦ୍ଧି, ବିଦ୍ୟା, ନିଦ୍ରା, କ୍ଷାନ୍ତି, ଦୟା, ଶାନ୍ତି, କାନ୍ତି, ଜାତି, ଭ୍ରାନ୍ତି, ତନ୍ଦ୍ରା, ଛାୟା, ଚେତନା ତୁଷ୍ଟି, ପୁଷ୍ଟି, ଲକ୍ଷ୍ମୀ, ଧୃତି ।
- (୨) ଲକ୍ଷ୍ମୀ → କମଳା, ଅନ୍ନପୂର୍ଣ୍ଣା, ମହାଲକ୍ଷ୍ମୀ, ସ୍ୱର୍ଗଲକ୍ଷ୍ମୀ, ଗୃହଲକ୍ଷ୍ମୀ, ଶୋଭାଲକ୍ଷ୍ମୀ, ପ୍ରୀତିଲକ୍ଷ୍ମୀ, ପ୍ରଭାଲକ୍ଷ୍ମୀ, ବାଣିଜ୍ୟଲକ୍ଷ୍ମୀ, ଦକ୍ଷିଣା, ଦୟା, କଳହା, ମାୟା ।
- (୩) ସରସ୍ୱତୀ → ବାକ୍ୟବୁଦ୍ଧି, ଜ୍ଞାନଦାତ୍ରୀ ସତ୍ତ୍ୱଗୁଣ ସଂପନ୍ନ; ସର୍ବସରୋବରେ ଅଂଶ ନଦୀରୂପ ବ୍ରାହ୍ମଣୀ
- (୪) ସାବିତ୍ରୀ → ବେଦ, ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ଜପ, ତପ, ସଂଧ୍ୟା, ଜନନୀ
- (୫) ରାଧା → (ମନ୍ଦାକିନୀ (ଗଙ୍ଗା), ସୌଭାଗଦାୟିନୀ କୀର୍ତ୍ତିପସରା, ଗୋପାଙ୍ଗୁଣୀ ହ୍ଲାଦିନୀ ଶକ୍ତି, ଆକାର ଶୂନ୍ୟ ନିର୍ଗୁଣମୟୀ

### ପ୍ରଧାନ ଅଂଶରୁ ଆଂଶିକ କଳାରୁ ଦେବୀ

ସ୍ୱାହା, ସ୍ୱସ୍ତି, ପୁଷ୍ଟି, ତୁଷ୍ଟି, ସମ୍ପତ୍ତି, ଧୃତି, କ୍ଷମା, ରତି, ଶକ୍ତି, କୀର୍ତ୍ତି, ମିଥ୍ୟା, ଶାନ୍ତି, ଲଜ୍ଜା, ସ୍ମୃତି, ବୁଦ୍ଧି, ମେଧା, ମୂର୍ତ୍ତି, ନିଦ୍ରା, ମହାମାୟା, ସନ୍ଧ୍ୟା, ରାତ୍ରି, ଜଷା, କ୍ଷୁଧା, ପିପାସା, ପ୍ରଭା, ପ୍ରତ୍ୟେକ ଗ୍ରାମଦେବତୀ, ମୃତ୍ୟୁ, ଜରା, ତନ୍ଦ୍ରା, ପ୍ରୀତି, ଶ୍ରଦ୍ଧା, ଭକ୍ତ, ସୁରଭୀ, କଦ୍ରୁ, ବନିତା, ରୋହିଣୀ, ଛାୟା, ସଂଜ୍ଞା, ଶତରୂପା, ଶଚୀ, ତାରା, ଅରୁନ୍ଧତୀ, ଅହଲ୍ୟା, ଅନୁସୂୟା, ଦେବହୂତି, ପ୍ରସୂତି, ମେନକା, ଅମ୍ବିକା, ଲୋପାମୁଦ୍ରା, ଆହୂତି, ଦେବକୀ, ଯଶୋଦା, ଶୈବ୍ୟା, ଦମୟନ୍ତି, ଗାନ୍ଧାରୀ, ଦ୍ରୌପଦୀ, ସାବିତ୍ରୀ, କୁନ୍ତି, ମନ୍ଦୋଦରୀ, କଳାବତୀ, କୈକେୟୀ, ସୁଭଦ୍ରା, କୌଶଲ୍ୟା, ସତ୍ୟଭାମା, ରେବତୀ, କାଳିନ୍ଦୀ, ମିତ୍ରବିନ୍ଦା, ଜାମ୍ବବତୀ, ଲକ୍ଷ୍ମଣା, ରୁକ୍ମିଣୀ, ସତ୍ୟବତୀ, ଉଷା, ଚିତ୍ରଲେଖା, ରେଣୁକା ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି